ସ୍ୱଚ୍ଛ ଭାରତ ଅଭିଯାନରେ
ସାମିଲ ହୁଅନ୍ତୁ
ସ୍ୱଚ୍ଛ ଭାରତ

DINDAYAL MAIL

# ଦୀନ୍‌ଦୟାଲ ମେଲ୍

R.N.I. No.- ODIODI/1999/00381 | www.dindayalmail.in | Postal Registered. No. OR/RKL-08/2024-26

| | | | | | | |
|---|---|---|---|---|---|---|
| ୨୭ ତମ ବର୍ଷ | ୩୧ ତମ ସଂଖ୍ୟା | ୧୬ ରୁ ୨୨ ଅଗଷ୍ଟ -୨୦୨୬ | ଶନିବାର-୨୦୨୬ | ରାଉରକେଲା | ମୂଲ୍ୟ ଟ. ୨.୦୦ | ପୃଷ୍ଠା-୮ |
| Vol - 27 | No 31 issue | 16 to 22 August -2026 | Saturday-2026 | Rourkela | Rs. 2.00 | Page - 8 |

## ଦ୍ୱାଦଶ ଜାତୀୟ ହସ୍ତତନ୍ତ ଦିବସ ସମାରୋହରେ ଯୋଗ ଦେଲେ ରାଷ୍ଟ୍ରପତି




ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ଦ୍ୱାଦଶ ଜାତୀୟ ହସ୍ତତନ୍ତ ଦିବସ ସମାରୋହରେ ଯୋଗ ଦେଇଛନ୍ତି । ଏହି ଅବସରରେ ସେ ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ଏବଂ ୨୦୨୫ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଅବସରରେ ଭାରତର ସମୃଦ୍ଧ ଏବଂ ବିବିଧ ହସ୍ତତନ୍ତ ବୟନ ପରମ୍ପରାକୁ ସମ୍ମାନ ପ୍ରଦର୍ଶନ କରୁଥିବା ୪ଟି ସ୍ମାରକୀ ଡାକଟିକଟ ମଧ୍ୟ ଉନ୍ମୋଚନ କରାଯାଇଥିଲା । ରାଷ୍ଟ୍ରପତି ଏହି ଅବସରରେ ଦେଶର ମୋଟ୍ ୨୨ ଜଣ ବୁଣାକାରଙ୍କୁ ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ଏବଂ ଜାତୀୟ ହସ୍ତତନ୍ତ ପୁରସ୍କାର ୨୦୨୫ ପ୍ରଦାନ କରିଛନ୍ତି । ଏମାନଙ୍କ ମଧ୍ୟରୁ ତିନି ଜଣ ବୁଣାକାର ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ପାଇଛନ୍ତି । କାର୍ଯ୍ୟକ୍ରମରେ ଓଡ଼ିଶାର ଦୁଇ ଜଣ ବୁଣାକାର ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ବରଗଡ଼ ଜିଲ୍ଲାର ଜଣାଶୁଣା ବୁଣାକାର ରାମ ମେହେର ବିଚିତ୍ରପୁରୀ ଖଦୀ ଶାଢ଼ୀ ବୁଣାରେ ଅସାଧାରଣ ଦକ୍ଷତା ନିମନ୍ତେ ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ପାଇଛନ୍ତି । ଅତାବିରା ଝିଲିମିଣ୍ଡା ଗ୍ରାମର ବାସିନ୍ଦା ଶ୍ରୀ ମେହେରଙ୍କର ବିଚିତ୍ରପୁରୀ ବା ବିଚିଟପର ଶାଢ଼ୀ ବୁଣା କ୍ଷେତ୍ରରେ ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି । ସେହିପରି ଜଗତସିଂହପୁର ଜିଲ୍ଲା ବାଇଜଙ୍ଗା ସିଙ୍ଗିପୁର ଅଂଚଳର ବୁଣାକାର ପ୍ରଫୁଲ୍ଲ କୁମାର ସାହୁ ରାଷ୍ଟ୍ରପତିଙ୍କ ଠାରୁ ଜାତୀୟ ହସ୍ତତନ୍ତ ପୁରସ୍କାର ପାଇଛନ୍ତି । ପାରମ୍ପରିକ ଜଗତସିଂହପୁର ଶାଢ଼ୀ ବୁଣା କ୍ଷେତ୍ରରେ ଦୀର୍ଘଦିନର ଅଭିଜ୍ଞତା ଏବଂ ଏହି ପାରମ୍ପରିକ ପଦ୍ଧତିର ପ୍ରୋତ୍ସାହନ ନିମନ୍ତେ ଶ୍ରୀ ସାହୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ଜାତୀୟ ହସ୍ତତନ୍ତ ଦିବସ ସମାରୋହରେ ଉଦବୋଧନ ଦେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଶହ ଶହ ବର୍ଷ ଧରି ହସ୍ତତନ୍ତ ଭାରତୀୟ ସଭ୍ୟତାର ବିବର୍ତନ ଯାତ୍ରାର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଛି । ଏହା ଆମ ଦେଶର ଅସାଧାରଣ ବିବିଧତାକୁ ପ୍ରତିଫଳିତ କରେ ଏବଂ ଆମର ଆଂ*ଳିକ ସ୍ୱତନ୍ତ୍ରତାକୁ ସଂରକ୍ଷଣ କରିଆସିଛି । ହସ୍ତତନ୍ତ କ୍ଷେତ୍ର ରୋଜଗାର, ମହିଳା ସଶକ୍ତିକରଣ, କଳା ଓ ସଂସ୍କୃତି ଏବଂ ପ୍ରକୃତି ପ୍ରତି ଭଲ ପାଇବାକୁ ପ୍ରୋତ୍ସାହିତ କରେ । ହସ୍ତତନ୍ତକୁ ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ଆତ୍ମନିର୍ଭରଶୀଳତା ଭାବନା ସହିତ ମଧ୍ୟ ଯୋଡାଯାଇଛି । ରାଷ୍ଟ୍ରପତି କହିଛନ୍ତି ଯେ ସ୍ୱଦେଶୀ ଆନ୍ଦୋଳନ ଆନୁଷ୍ଠାନିକ ଭାବରେ ୭ ଅଗଷ୍ଟ, ୧୯୦୫ରେ ଆରମ୍ଭ ହୋଇଥିଲା । ବଙ୍ଗ ବିଭାଜନର ପ୍ରତିବାଦରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନର ଲକ୍ଷ୍ୟ ଥିଲା ସ୍ୱଦେଶୀ ସାମଗ୍ରୀ, ଘରୋଇ ଶିଳ୍ପ ଏବଂ ବିଶେଷକରି ଦେଶର ହସ୍ତତନ୍ତ ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରିବା । ଏହି ଐତିହାସିକ ଘଟଣାର ସ୍ମୃତିରେ ଭାରତ ସରକାର ୨୦୧୫ ମସିହାରୁ ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବରେ ପାଳନ କରିଆସୁଛନ୍ତି । ଜାତୀୟ ହସ୍ତତନ୍ତ ଦିବସରେ ହସ୍ତତନ୍ତ କ୍ଷେତ୍ର ସହ ଜଡିତ ସମସ୍ତଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ । ସେ କହିଥିଲେ ଯେ ଏହି କାର୍ଯ୍ୟକ୍ରମ ଆମ ଦେଶର ସାଂସ୍କୃତିକ ଏକତାକୁ ପରିଭାଷିତ କରୁଥିବା ବିବିଧତାର ଏକ ଉତ୍ସବ । ଏହା ସରକାର ଏବଂ ବୟନ ସମ୍ପ୍ରଦାୟର ସହଭାଗୀ ପ୍ରୟାସକୁ ସ୍ୱୀକାର କରିବାର ଏକ ଅବସର ଯାହା ଭାରତର ହସ୍ତତନ୍ତ କ୍ଷେତ୍ର ପାଇଁ ଏକ ଶ୍ରେଷ୍ଠ ଗୁଣାତ୍ମକ ପ୍ରତିଛବି ପ୍ରତିଷ୍ଠା କରୁଛି ।

ରାଷ୍ଟ୍ରପତି କହିଛନ୍ତି ଯେ ଭାରତର ଗ୍ରାମୀଣ ପ୍ରିମିୟମ୍ ଅର୍ଥବ୍ୟବସ୍ଥାର ଏକ ପ୍ରମୁଖ, ମାନବ-କୈନ୍ଦ୍ରିକ ଉଦାହରଣ ଭାବରେ ଆମର ହସ୍ତତନ୍ତ କ୍ଷେତ୍ରର ଉଭା ହେବାର ସମ୍ଭାବନା ଯଥେଷ୍ଟ ବୃଦ୍ଧି ପାଇଛି । ପ୍ରମୁଖ ହସ୍ତତନ୍ତ କ୍ଲଷ୍ଟରଗୁଡ଼ିକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ସମସାମୟିକ ତାଲିମ ପଦ୍ଧତି ସହିତ ସଂଯୋଗ କରାଯାଉଛି । ସରକାର ବୁଣାକାରମାନଙ୍କ ଆୟ ବୃଦ୍ଧି କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହି କ୍ଷେତ୍ରକୁ ଏକ ପ୍ରାମାଣିକ ସାଂସ୍କୃତିକ ଅର୍ଥବ୍ୟବସ୍ଥାରେ ପରିଣତ କରିବା ପାଇଁ ସରକାରଙ୍କ ପ୍ରୟାସ ସହ ଭାରତୀୟ ହସ୍ତତନ୍ତ କ୍ଷେତ୍ରର ଅନ୍ତର୍ଜାତୀୟ ପ୍ରତିଷ୍ଠା ବୃଦ୍ଧି ପାଉଛି ଜାଣି ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ । ରାଷ୍ଟ୍ରପତି କହିଥିଲେ, ପ୍ରଯୁକ୍ତିବିଦ୍ୟା ଏବଂ ଅଭିନବ ଡିଜାଇନକୁ ନେଇ ଅନେକ ପ୍ରତିଭାବାନ ଯୁବ ଉଦ୍ୟୋଗୀ ଏହି କ୍ଷେତ୍ରରେ ପ୍ରବେଶ କରୁଛନ୍ତି । ସରକାରୀ ଯୋଜନା ଏବଂ ପ୍ରତିଷ୍ଠାନ ମାଧ୍ୟମରେ ଯୁବପିଢ଼ିଙ୍କୁ ସକ୍ରିୟ ଭାବରେ ପ୍ରୋତ୍ସାହନ ଦେବା ଉଚିତ ଯାହା ଦ୍ୱାରା ସେମାନଙ୍କର ଉତ୍ସାହ ଏବଂ ଦକ୍ଷତା ଏହି କ୍ଷେତ୍ରର ଦୀର୍ଘକାଳୀନ ତଥା ବହୁମୁଖୀ ସଫଳତା ସୁନିଶ୍ଚିତ କରିପାରିବ । ଯୁବ ଉଦ୍ୟୋଗୀ, ଡିଜାଇନର୍ ଏବଂ ଷ୍ଟାର୍ଟଅପ୍ ଗୁଡ଼ିକ ପାରମ୍ପରିକ ହସ୍ତଶିଳ୍ପକୁ ଆଧୁନିକ ଧାରା, ବ୍ରାଣ୍ଡ ଏବଂ ବିଶ୍ୱ ମୂଲ୍ୟ ଶୃଙ୍ଖଳ ସହିତ ଯୋଡ଼ି ଏହି କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିପାରିବେ । ଭାରତୀୟ ହସ୍ତତନ୍ତ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ଏବଂ ବୁଣାକାର ସେବା କେନ୍ଦ୍ରଗୁଡ଼ିକର ତତ୍ତ୍ୱାବଧାନରେ ଡିଜାଇନ୍ ସମ୍ବଳ କେନ୍ଦ୍ରଗୁଡ଼ିକ ଏହି କ୍ଷେତ୍ରରେ ଯୁବପିଢ଼ିଙ୍କୁ ନିୟୋଜିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଛନ୍ତି ବୋଲି ରାଷ୍ଟ୍ରପତି ଖୁସିର ସହ ଉଲ୍ଲେଖ କରିଥିଲେ । ରାଷ୍ଟ୍ରପତି କହିଥିଲେ, ଏହି କ୍ଷେତ୍ରର ଦୀର୍ଘସ୍ଥାୟୀ ବିକାଶ ପାଇଁ ନୂତନ ପ୍ରଯୁକ୍ତିବିଦ୍ୟାର ଉପଯୁକ୍ତ ବ୍ୟବହାର ଅତ୍ୟନ୍ତ ଜରୁରୀ । ଆଧୁନିକ ଡିଜିଟାଲ ସମାଧାନ ମାଧ୍ୟମରେ ବଜାର ସୁଯୋଗକୁ ଅଧିକ ପ୍ରଭାବଶାଳୀ କରାଯାଇପାରିବ । ଏହା ବ୍ୟତୀତ, ଇ-କମର୍ସ ପ୍ଲାଟଫର୍ମ ମାଧ୍ୟମରେ ବିଶ୍ୱ ବଜାରରେ ଭାରତୀୟ ହସ୍ତତନ୍ତ ଉତ୍ପାଦଗୁଡ଼ିକର ପହଂଚକୁ ଯଥେଷ୍ଟ ମଜବୁତ କରାଯାଇପାରିବ । ହସ୍ତତନ୍ତ କ୍ଷେତ୍ର ଦେଶର ସମାବେଶୀ ଅଭିବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତା ପାଇଁ ଏକ ଦୃଢ଼ ଭିତିଭୂମି ଭାବରେ କାର୍ଯ୍ୟ କରିବ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ । ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ହସ୍ତତନ୍ତ ବୁଣାକାରମାନଙ୍କ ପାଇଁ ଦେଶର ସର୍ବୋଚ୍ଚ ସମ୍ମାନ । ଏହା ଭାରତର ବୟନ ପରମ୍ପରାକୁ ସଂରକ୍ଷଣ ଓ ପ୍ରୋତ୍ସାହିତ କରିବା ଲାଗି ବୁଣାକାରମାନଙ୍କର ଅସାଧାରଣ କାରିଗରୀ, ଜୀବନବ୍ୟାପୀ ସମର୍ପଣ ଏବଂ ନିରନ୍ତର ଅବଦାନକୁ ସ୍ୱୀକୃତି ଦିଏ । ସେହିପରି ହସ୍ତତନ୍ତ ବୁଣାକାର ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ସମ୍ମାନିତ କରିବା ଲାଗି ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରଦାନ କରାଯାଇଥାଏ । ପାରମ୍ପରିକ କୌଶଳ ସଂରକ୍ଷଣ ଏବଂ ଆଧୁନିକ କୌଶଳକୁ ଗ୍ରହଣ କରି ଉତ୍କୃଷ୍ଟ ସୃଜନଶୀଳତା, ଗୁଣବତା, ନବସୃଜନ ଏବଂ ଉତ୍କର୍ଷତା ପ୍ରଦର୍ଶନ କରିଥିବା ବୁଣାକାରଙ୍କୁ ଏହି ପୁରସ୍କାର ଦିଆଯାଏ ।

## ସେପ୍ଟେମ୍ବର ୨ ସୁଦ୍ଧା ଦାରା ସିଂଙ୍କ ମୁକ୍ତି ମାମଲା ନିଷ୍ପତି

**କେନ୍ଦୁଝରରୁ ଜିଲ୍ଲା ପ୍ରତିନିଧି ରିତା ମିଶ୍ରଙ୍କ ରିପୋର୍ଟ:** ଅଷ୍ଟ୍ରେଲୀୟ ଖ୍ରୀଷ୍ଟ ଧର୍ମ ପ୍ରଚାରକ ଗ୍ରାହମ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ଶିଶୁପୁତ୍ରଙ୍କୁ ହତ୍ୟା ମାମଲାରେ ଆଜକୁ ଦୀର୍ଘ ୨୬ ବର୍ଷ ଧରି କେନ୍ଦୁଝର ଜିଲ୍ଲା କାରାଗାରରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଦାରା ସିଂ ଓରଫ ରବୀନ୍ଦ୍ର କୁମାର ପାଲଙ୍କ ମୁକ୍ତି ଆବେଦନର ଶୁଣାଣି ପୁଣି ଘୁଂଚିଛି । ଦାରା ସିଂ ଙ୍କ ମୁକ୍ତି ସମ୍ପର୍କରେ ନିଷ୍ପତି ନେବାକୁ ଓଡ଼ିଶା ବନ୍ଦୀ ମୁକ୍ତି ସମୀକ୍ଷା ବୋର୍ଡକୁ ସୁପ୍ରିମକୋର୍ଟ ଆଉ ଏକ ଶେଷ ସୁଯୋଗ ଦେଇଛନ୍ତି । ପୂର୍ବ ଶୁଣାଣିରେ ଅଗଷ୍ଟ ୧୯ତାରିଖ ସୁଦ୍ଧା ଦାରା ସିଂ ଙ୍କ ମୁକ୍ତି ଆବେଦନ ଉପରେ ନିଷ୍ପତି ନେବାକୁ ଓଡ଼ିଶା ସରକାରଙ୍କୁ କୁହାଯାଇଥିଲା । ତେବେ ଏହି ଶୁଣାଣିରେ ମଧ୍ୟ କୌଣସି ଚୂଡ଼ାନ୍ତ ନିଷ୍ପତି ହୋଇନଥିବା ସରକାରଙ୍କ ପକ୍ଷରୁ କୋର୍ଟଙ୍କୁ ଅବଗତ କରାଯାଇଥିଲା । ମାମଲାକୁ ଆଉ କିଛି





ସମୟ ଘୁଂଚାଇବାକୁ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା । ସରକାରଙ୍କ ଏହି ଅନୁରୋଧରେ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ କରିଥିଲେ । ଏପର୍ଯ୍ୟନ୍ତ ନିଷ୍ପତି କାହିଁକି ନିଆଯାଇନାହିଁ ବୋଲି ବିଚାରପତି ପ୍ରଶ୍ନ କରିଥିଲେ । ଏଥିସହ କାରାଗାର ମହାନିର୍ଦ୍ଦେଶାଳୟ ପକ୍ଷରୁ ଦିଆଯାଇଥିବା ଏକ ଚିଠି କୋର୍ଟରେ ଦାଖଲ ହେବା ନେଇ ମଧ୍ୟ ଖଣ୍ଡପୀଠ ପ୍ରଶ୍ନ ଉଠାଇଥିଲେ । ଦାରା ସିଂ ଉତରପ୍ରଦେଶର ମୂଳ ବାସିନ୍ଦା ହୋଇଥିବାରୁ ତାଙ୍କ ପୂର୍ବ ପୃଷ୍ଠଭୂମି ଓ ଆଚରଣ ସମ୍ପର୍କିତ ତଥ୍ୟ ସେଠାକାର କର୍ତୃପକ୍ଷଙ୍କ ଠାରୁ ମଗାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା ।

## ୧୦ଦିନ ମଧ୍ୟରେ ଓଡିଶା ସ୍ୱଞ୍ଜ କାରଖାନାରେ ୨କର୍ମଚାରୀଙ୍କ ମୃତ୍ୟୁ

**କେନ୍ଦୁଝରରୁ ଜିଲ୍ଲା ପ୍ରତିନିଧି ରିତା ମିଶ୍ରଙ୍କ ରିପୋର୍ଟ:** ପଳାଶପଙ୍ଗାସ୍ଥିତ ଓଡ଼ିଶା ସ୍ୱଞ୍ଜ ଆଇରନ୍ କାରଖାନାରେ ଶ୍ରମିକ ମୃତ୍ୟୁକୁ ନେଇ ଉତେଜନା । ମୃତ ଶ୍ରମିକଙ୍କ ପରିବାର ପକ୍ଷରୁ କ୍ଷତିପୂରଣ ଦାବିରେ ରବିବାର ରାତିରୁ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ମୃତଦେହ ରଖି ମୃତକଙ୍କ ପରିବାର ପକ୍ଷରୁ ଧାରଣା ଜାରି ରହିଛି । ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକେ ମଧ୍ୟ ଧାରଣାରେ ସାମିଲ ହୋଇଛନ୍ତି । ମୃତ ଶ୍ରମିକଙ୍କ ପରିବାରକୁ ଅନ୍ୟୁନ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ପରିବାର ଲୋକଙ୍କ ପକ୍ଷରୁ କୁହାଯାଇଛି । ମୃତକ ହେଲେ କେନ୍ଦୁଆ ଗ୍ରାମର ସୁନାରାମ ମୁଣ୍ଡା । ସୂଚନାଯୋଗ୍ୟ ଯେ, ଉକ୍ତ କାରଖାନାରେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟରତ ଉତରପ୍ରଦେଶର ଜନୈକ ବ୍ୟକ୍ତି ଚଳିତମାସ ୫ ତାରିଖରେ ମୃତ୍ୟୁବରଣ କରିଥିବା ବେଳେ କାରଖାନା କର୍ତ୍ତୃପକ୍ଷ ଅତି ଚତୁରତାର ସହ ଘଟଣାକୁ ଚପାଇ ଦେବାରେ ସକ୍ଷମ ହୋଇଥିବା ଜଣାପଡିଛି ।



# ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ବିଭିନ୍ନ ଅଂଚଳ ପରିଦର୍ଶନ ସହ ସ୍ଥିତି ସମୀକ୍ଷା



ସୁନ୍ଦରଗଡ଼ : ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ଉପଲକ୍ଷେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହିତ ଜିଲ୍ଲାର ବିଭିନ୍ନ ଅଂଚଳ ପରିଦର୍ଶନ କରିବା ସହିତ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା ମଧ କରିଥିଲେ । ଏହି ପରିଦର୍ଶନ ସମୟରେ ସେ ଜନସାଧାରଣଙ୍କ ସୁବିଧା ଅସୁବିଧା ବୁଝିବା ସହ ସରକାରୀ ସେବା ଓ ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ । ଏହି ଅବସରରେ ଭବାନୀପୁର ସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ଶିଶୁମାନଙ୍କୁ ଦିଆଯାଉଥିବା ଶିକ୍ଷଣ ସାମଗ୍ରୀ, ପୁଷ୍ଟିକର ଖାଦ୍ୟ ଓ କେନ୍ଦ୍ରର ଦୈନନ୍ଦିନ କାର୍ଯ୍ୟକଳାପ ଗୁଡ଼ିକର ସମୀକ୍ଷା କରିଥିଲେ ଏବଂ କୁନି କୁନି ଶିଶୁଙ୍କୁ ଫଳ ଓ ମିଷ୍ଟାନ ବଂଟନ କରିଥିଲେ । ଏହି ଅବସରରେ ସେ ଅଙ୍ଗନବାଡି କର୍ମୀ ଏବଂ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ସେହିଭଳି ବାଲିଶଙ୍କରା ବ୍ଲକ ଅର୍ନ୍ତଗତ ଘୋଗର ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ର ମହିଳାମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ମହିଳା ମାନଙ୍କୁ ସଶକ୍ତୀକରଣ ତଥା ସ୍ୱାବଲମ୍ବୀ କରିବା ଦିଗରେ ସହାୟତା କରିବା ପାଇଁ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମହିଳାମାନଙ୍କୁ ସିଲେଇ ମେସିନ, ଫଳନ୍ତି ଗଛର ଚାରା ଏବଂ ଏକ ମାସ ବୟସର କୁକୁଡ଼ା ଛୁଆ ବଂଟନ କରିଥିଲେ । ଏହି ଅବସରରେ ମହିଳାଙ୍କୁ ସଶକ୍ତ କରିବା ଲାଗି ସରକାର ବିଭିନ୍ନ ପ୍ରକାର କଲ୍ୟାଣକାରୀ ଯୋଜନା , କାର୍ଯ୍ୟକ୍ରମ ଆଦି କାର୍ଯ୍ୟକାରୀ କରିଛନ୍ତି ଏବଂ ଏହି ସବୁ ଯୋଜନା ଗୁଡିକରେ ଅର୍ନ୍ତଭୁକ୍ତ ହୋଇ ଯୋଜନା ଗୁଡ଼ିକର ଲାଭ ନେବାକୁ ବକ୍ତବ୍ୟ ରଖିଥିଲେ । ସେହିଭଳି ଜିଲ୍ଲା ରେ ଅଧିକରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିବା ନେଇ ମଧ ଆହ୍ୱାନ ଦେଇଥିଲେ । ପରେ ପରେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ପ୍ରାକୃତିକ ସୌନ୍ଦର୍ଯ୍ୟଭରା କାହ୍ନାକୁଣ୍ଡ ପରିଦର୍ଶନ କରିଥିଲେ । କାହ୍ନାକୁଣ୍ଡକୁ ଏକ ଆନ୍ତର୍ଜାତୀୟ ସ୍ତରର ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ସେ ଉପସ୍ଥିତ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରି ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେ ଆହୁରି କହିଥିଲେ ଯେ, ବାଲିଶଙ୍କରା ବ୍ଲକ ଠାରେ ଥିବା ଏହି କାହ୍ନାକୁଣ୍ଡକୁ ବିଶ୍ୱ ସ୍ତରୀୟ ପର୍ଯ୍ୟଟନ ସ୍ଥଳ ଭାବେ ଗଢିବା ହେଉଛି ଆମର ଲକ୍ଷ୍ୟ । ଏହା ସହ ଏହି ପର୍ଯ୍ୟଟନ ସ୍ଥଳୀ ଭାବେ ଗଠନ ହେବା ଫଳରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମଧ ମିଳିପାରିବ ବୋଲି ଶ୍ରୀମତୀ ପରିଡା କହିଥିଲେ । ତୃଣମୂଳ ସ୍ତରରେ ସାଧାରଣ ଲୋକଙ୍କ ନିକଟରେ ସରକାରୀ ସେବା ପହଂଚାଇବା, ମହିଳା ସଶକ୍ତୀକରଣ ଏବଂ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱ ଦରବାରରେ ପହଂଚାଇବ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପ୍ରକାଶ କରିଥିଲେ । ଏହି କ୍ଷେତ୍ର ପରିଦର୍ଶନ ସମୟରେ ଓଡ଼ିଶା ବିଧାନସଭା ଉପବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇ, ଜନଜାତି ପରାମର୍ଶଦାତା କମିଟିର ସଭ୍ୟ ତଥା ପୂର୍ବତନ ବିଧାୟିକା ଶ୍ରୀମତୀ କୁସୁମ ଟେଟେ, ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧିକାରୀ ଶ୍ରୀମତୀ ଅମ୍ରିତ ପାଲ କୌର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଅଭିମନ୍ୟୁ ମାଝୀ , ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା- ନିର୍ବାହୀ ଅଧିକାରୀ, ସଦର ଉପ ଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା ତଥା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଭିଜିଲାନ୍ସ ଜାଲରେ ଲାଠିକଟା ତହସିଲଦାର ତଥା ସବ୍-ରେଜିଷ୍ଟ୍ରାର ମୂରଲୀଧର ଉର୍ମାଲ







ରାଉରକେଲା  ସୁନ୍ଦରଗଡ ଜିଲ୍ଲାର ଲାଠିକଟା ତହସିଲଦାର ତଥା ସବ୍-ରେଜିଷ୍ଟ୍ରାର ମୂରଲୀଧର ଉର୍ମାଲଙ୍କ ସ୍କର୍ପିଓରୁ ୫ଲକ୍ଷ ଟଙ୍କା ଜବତ୍ ସହ ତାଙ୍କ ସ୍କର୍ପିଓକୁ ଭିଜିଲାନ୍ସ ପକ୍ଷରୁ ଜବତ୍ କରାଯିବା ସହିତ ତାଙ୍କ ରାଉରକେଲା ସ୍ଥିତ ବାସଭବନ ସମେତ ୩ଟି ସ୍ଥାନରେ ଚଢାଉ ଜାରି ରହିଥିଲା । ଜି ଭିଜିଲାନ୍ସ ପକ୍ଷରୁ ୫ଲକ୍ଷ ଟଙ୍କା ସହ ସ୍କର୍ପିଓ ଜବତ୍ ବ୍ୟତୀତ, ସୁନ୍ଦରଗଡ଼ ଏବଂ ରାଉରକେଲାରେ ଘର ତଲାସୀ ସମୟରେ ଶ୍ରୀ ଉର୍ମାଲଙ୍କ ଘରୁ ନଗଦ ୫.୭୪ ଲକ୍ଷ ଟଙ୍କା ମିଳିଥିଲା । ଏପର୍ଯ୍ୟନ୍ତ ଶ୍ରୀ ଉର୍ମାଲଙ୍କ ଠାରୁ ମୋଟ ନଗଦ ଜବତ ୧୦.୭୪ ଲକ୍ଷ ଟଙ୍କା ସହିତ ଖୋଳତାଡ଼ ହୋଇଥିବା ଅନ୍ୟାନ୍ୟ ସମ୍ପତି ଓ ମୂଲ୍ୟବାନ ଜିନିଷଗୁଡ଼ିକ ମଧ୍ୟରେ ରହିଛି ସୁନ୍ଦରଗଡ଼ର କର୍ମଡିହିରେ ପ୍ରାୟ ୩୭୦୦ ବର୍ଗଫୁଟ କ୍ଷେତ୍ରଫଳ ବିଶିଷ୍ଟ ଏକ ଦ୍ୱିମହଲା କୋଠା, ସୁନ୍ଦରଗଡ଼ ଏବଂ ରାଉରକେଲା ସହର ବାହାରେ ରହିଛି ୬ଟି ଉଚ୍ଚ ମୂଲ୍ୟର ପ୍ଲଟ୍, ସୁନା ଅଳଙ୍କାର ୨୪୧ ଗ୍ରାମ ଏବଂ ରୂପା ଅଳଙ୍କାର ୬୩୫ ଗ୍ରାମ୍ ସମେତ ବ୍ୟାଙ୍କ, ଡାକଘର ଏବଂ ବୀମା ଜମା ୬୬.୧୦ ଲକ୍ଷ ଟଙ୍କା, ଗୋଟିଏ ଚାରି ଚକିଆ ଗାଡ଼ି (ଆଇ ୧୦ ହୁଣ୍ଡାଇ ଗ୍ରାଣ୍ଡ ସ୍ପୋର୍ଟସ୍) ଏବଂ ୩ଟି ଦୁଇ ଚକିଆ ଗାଡ଼ି । ଭିଜିଲାନ୍ସ ପକ୍ଷରୁ ଲାଠିକଟା ତହସିଲଦାର ତଥା ସବ୍-ରେଜିଷ୍ଟ୍ରାର ମୂରଲୀଧର ଉର୍ମାଲଙ୍କ ବିରୋଧରେ ଚଢାଉ ଲାଠିକଟା ତହସିଲଦାର ତଥା ସବ ରେଜିଷ୍ଟାର ମୁରଲୀଧର ଉର୍ମଳ ଙ୍କ ଠାରୁ ଆୟ ବହିର୍ଭୁକ୍ତ ସମ୍ପତି ଜବତ ସହ ତାଙ୍କୁ ଆଜି ଗିରଫ କରାଯାଇଛି । ଏ ସମ୍ପର୍କରେ ରାଉରକେଲା ଭିଜିଲାସନ୍ସ ଏସ୍‌ପି ହରେକୃଷ୍ଣ ମାଝୀ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି ।

# ଯୁବ କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀ ଜନ୍ମଜୟନ୍ତୀ ପାଳିତ



**କେନ୍ଦୁଝରରୁ ଜିଲ୍ଲା ପ୍ରତିନିଧି ରିତା ମିଶ୍ରଙ୍କ ରିପୋର୍ଟ:** ଆଧୁନିକ ଭାରତର ନିର୍ମାତା, ଯୁବ ମାନସର ପ୍ରତୀକ, ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତଃ ରାଜୀବ ଗାନ୍ଧୀଙ୍କ ୮୦ତମ ଜନ୍ମଜୟନ୍ତୀ ସ୍ଥାନୀୟ କଂଗ୍ରେସ ଭବନରେ କେନ୍ଦୁଝର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଗୁରୁବାର ପାଳିତ ହୋଇଯାଇଛି । ଏହି ସଦଭାବନା ଦିବସରେ କଂଗ୍ରେସ ନେତା ମାନେ ସ୍ୱର୍ଗତଃ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ସଭାପତିତ୍ୱରେ ଅନୁଷ୍ଠିତ  ଶ୍ରଦ୍ଧାଞ୍ଜଳି ସଭାରେ ମହିଳା ସଶକ୍ତିକରଣ, ଶ୍ରମିକ ମାନଙ୍କୁ ୧୦୦ ଦିନର କାମ, ତ୍ରିସ୍ତରୀୟ ପଂଚାୟତରାଜ ବ୍ୟବସ୍ଥା, ଟେଲିକମ ଓ କମ୍ପୁଟରକରଣ ଏବଂ ୧୮ବର୍ଷରେ ଯୁବକମାନେ ଭୋଟ ଦାନ ଦେବା ସବୁ ରାଜୀବ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀ କାର୍ଯ୍ୟକାଳ ସମୟର ଅବଦାନ ବୋଲି ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ଜିଲ୍ଲା ଦଳିତ କଂଗ୍ରେସ ସଭାପତି ରଶ୍ମିରଞ୍ଜନ ଜେନା ଓ ବ୍ଲକ କଂଗ୍ରେସ ସଭାପତି ଉତମ କୁମାର ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ କଂଗ୍ରେସ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ଜିଲ୍ଲା ଉପସଭାପତି ଲଳିତ ମୋହନ ନାୟକ, ପାଟଣା ବିଧାନସଭା ଯୁବ କଂଗ୍ରେସ ସଭାପତି ପରମେଶ୍ୱର ନାଏକ, ତେଲକୋଇ ବିଧାନସଭା ଯୁବ କଂଗ୍ରେସ ସଭାପତି ଗୌରହରି ପାତ୍ର, ବରିଷ୍ଠ କଂଗ୍ରେସ ନେତା ରତ୍ନାକର ଜେନା, ନଗର ସଭାପତି ଲୋକନାଥ ଟୁଡୁ, ପାଟଣା ବ୍ଲକ ସଭାପତି ଗୋବିନ୍ଦ ମହାନ୍ତ, କଂଗ୍ରେସ ନେତା ରଞ୍ଜିତ ଜେନା, ଚିତରଞ୍ଜନ ରାଉତ, ପ୍ରଫୁଲ୍ଲ ଜେନା, କ୍ଷୀରୋଦ ପାତ୍ର, ଆର୍ତତ୍ରାଣ ଦାସ, ରସାନନ୍ଦ ଜେନା, ଦୀନେଶ ରାଉତ, ପୂର୍ଣ୍ଣଚନ୍ଦ୍ର ଦାସ, ମହମ୍ମଦ ୟାସିନ, ମହିଳା ନେତ୍ରୀ ସବିତା ସାହୁ, ସୋନାଲି ମାରାଣ୍ଡି, ଯୁବ କଂଗ୍ରେସ ନେତା ସନତ ପାଢ଼ୀ, ଅମିତ କୁମାର ରାଉତ, ଆନନ୍ଦ ମାଝୀ, ବ୍ୟାସଦେବ ବେହେରା, ମାନସ ବେହେରା, ଅଭିଜିତ ବେହେରା, ସଂଗ୍ରାମ ବେହେରା ଏବଂ ଛାତ୍ର କଂଗ୍ରେସ ନେତା ଅଭିନାଶ ଓଝା, ଶୁଭମ ମହାନ୍ତ ଓ ପ୍ରଦୀପ ରାଉତ ପ୍ରମୁଖ ଯୋଗ ଦେଇଥିଲେ ।

# ଚମ୍ପୁଆ ବନାଞ୍ଚଳ କେନାଲରୁ ହାତୀ ଛୁଆ ଉଦ୍ଧାର



**କେନ୍ଦୁଝରରୁ ଜିଲ୍ଲା ପ୍ରତିନିଧି ରିତା ମିଶ୍ରଙ୍କ ରିପୋର୍ଟ:** କେନ୍ଦୁଝର ବନଖଣ୍ଡ ଅଧୀନ ଚମ୍ପୁଆ ରେଞ୍ଜ ଜାମୁଦଲକ ଗାଁ ନିକଟରେ ବୁଧବାର ରାତିରେ ଏକ ହାତୀ ଛୁଆ କେନାଲରେ ଫସିଥିବା ଖବର ମିଳିବା ପରେ ବନ ବିଭାଗ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଂଚିଥିଲେ । ରାତି ପ୍ରାୟ ୮ଟାରେ ୩/୪ ଫୁଟ୍ ଚଉଡ଼ା ଏକ ଜଳସେଚନ କେନାଲରେ ପ୍ରାୟ ୧୫ଦିନରୁ ୧ମାସ ବୟସର ହାତୀ ଛୁଆ ଫସିଥିବା ସୂଚନା ମିଳିଥିଲା । ଚମ୍ପୁଆ ରେଞ୍ଜ ଅଫିସର ସାଗର ନାୟକ ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଂଚିବା ପରେ ଜଣାପଡ଼ିଥିଲା ଯେ, ମା' ହାତୀ ପ୍ରାୟ ୮ଟାରୁ ଛୁଆକୁ କେନାଲରୁ ବାହାର କରିବାକୁ ଚେଷ୍ଟା କରୁଥିଲା । ଗାଁ ନିକଟରେ ଘଟଣା ଘଟିଥିବାରୁ ସେଠାରେ ବହୁ ସଂଖ୍ୟକ ଲୋକଙ୍କ ଭିଡ଼ ଜମିଥିଲା । ବନ ବିଭାଗ ଟିମ୍ ନିରନ୍ତର ଭାବେ ଭିଡ଼ ନିୟନ୍ତ୍ରଣ କରି ହାତୀ ଛୁଆଟିକୁ ସୁରକ୍ଷିତ ସ୍ଥାନ ଦେବା ବ୍ୟବସ୍ଥା କରିଥିଲେ । ଚମ୍ପୁଆ ରେଞ୍ଜ ଅଫିସରଙ୍କ ଉପସ୍ଥିତ ବୁଦ୍ଧି ଓ ତ୍ୱରିତ ପଦକ୍ଷେପ ଯୋଗୁଁ କେନାଲ ପାଣିକୁ ଅଟକାଇ ଅନ୍ୟ ଦିଗକୁ ପ୍ରବାହିତ କରାଯାଇଥିଲା । ଫଳରେ ପାଣିର ପ୍ରବାହ କମିବା ସହ ଉଦ୍ଧାର କାର୍ଯ୍ୟ ସହଜ ହୋଇଥିଲା । ପରବର୍ତୀ ସମୟରେ ଏସିଏଫ୍ ସୁଦୀପ୍ତ ପଣ୍ଡାଙ୍କ ନେତୃତ୍ୱରେ ଡିଭିଜନ ୱାଇଲ୍‌ଡଲାଇଫ୍ ଟିମ୍, ଚମ୍ପୁଆ ରେଞ୍ଜର ଫିଲ୍‌ଡ ଷ୍ଟାଫ୍, ସଦସ୍ୟ ଏବଂ କିଛି ସ୍ଥାନୀୟ ସ୍ୱେଚ୍ଛାସେବୀ ଘଟଣାସ୍ଥଳରେ ପହଂଚିଥିଲେ । ଡ୍ରୋନ୍ ସହାୟତାରେ ମା'ହାତୀ ଗତିବିଧି ଉପରେ ନଜର ରଖାଯାଇଥିଲା । ମା' ହାତୀ ପାଇଁ ଆବଶ୍ୟକ ସ୍ଥାନ ଖାଲି କରାଯିବା ପରେ ଡ୍ରୋନ୍ ମାଧ୍ୟମରେ ତାକୁ କେନାଲରେ ଥିବା ନିକଟସ୍ଥ ପାହାଚ ଦିଗକୁ ଯିବା ପାଇଁ ମାର୍ଗଦର୍ଶନ କରାଯାଇଥିଲା । ଶେଷରେ ମା'ହାତୀ ନିଜେ ଛୁଆକୁ କେନାଲରୁ ବାହାର କରି ଆଣିଥିଲା । ତେବେ ଗାଁ ଦିଗକୁ ପ୍ରାୟ ୨୦୦ମିଟର ଆଗକୁ ଯିବା ପରେ ମା' ଓ ଛୁଆ ପୁଣି ଏକ ଟ୍ରାନ୍ସଫର୍ମର ଫେନ୍ସ ଏବଂ ଏକ ବଗିଚାର ଫେନ୍ସ ମଧ୍ୟରେ ଫସି ଯାଇଥିଲେ । ପ୍ରାୟ ୧୫ ମିନିଟ୍ ମଧ୍ୟରେ ମା' ହାତୀ ନିଜ ଛୁଆକୁ ସେଠାରୁ ବାହାର କରି ଏକ ପୋଲ ଦେଇ ଖୋଲା ପଡ଼ିଆକୁ ନେଇଯାଇଥିଲା । ଏହାପରେ ଡ୍ରୋନ୍ ମାଧ୍ୟମରେ ମା' ଓ ଛୁଆଙ୍କ ଉପରେ ନଜର ରଖାଯାଇଥିଲା । ଉଭୟ ଏକ ଉଛୁଳିଥିବା ନାଳ ପାର ହେବା ପର୍ଯ୍ୟନ୍ତ ଟିମ୍ ସତର୍କ ରହିଥିଲା । ନାଳର ପ୍ରାୟ ୬୦୦ ମିଟର ଦୂରରେ ୧୩ଟି ହାତୀପଲ ଥିବା ଜଣାପଡ଼ିଥିଲା । ମା' ଓ ଛୁଆ ହାତୀ ପଲର ପଦଚିହ୍ନ ଅନୁସରଣ କରି ଶେଷରେ ପଲ ସହିତ ମିଶି ଯାଇଥିଲେ । ସମଗ୍ର ଉଦ୍ଧାର କାର୍ଯ୍ୟରେ କୌଣସି ରାସାୟନିକ କିମ୍ବା ଶାରୀରିକ ହସ୍ତକ୍ଷେପର ଆବଶ୍ୟକତା ପଡ଼ିନଥିଲା । ବନ ବିଭାଗ ଟିମ୍ କେବଳ ଆବଶ୍ୟକ ସ୍ଥାନ ଖାଲି କରିବା, ଭିଡ଼ ନିୟନ୍ତ୍ରଣ ଏବଂ ଡ୍ରୋନ୍ ମାଧ୍ୟମରେ ମାର୍ଗଦର୍ଶନ ଯୋଗାଇଥିଲେ । ଶେଷରେ ମା' ହାତୀ ନିଜେ ଛୁଆକୁ ସମସ୍ତ ବିପଦରୁ ବାହାର କରି ସୁରକ୍ଷିତ ଭାବେ ହାତୀ ପଲ ସହିତ ମିଶାଇଥିଲା ।



6 years experience

NANU STUDENT'S EVULATION

Teacher who teaches in an Indo English-medium school Rourkela

CBSE BOARD & ICSE BOARD

- Homework Help
- Social Studies
- Reading & Writing
- Math
- Science
- English
- Hindi
- Spelling
- Test Taking Strategies
- Orginizational Skills & More.



Email : jyotikrishnamishra95@gmail.com

Mob. : 7008289826, 9344139362

H/201, SECTOR - 2, ROURKELA (ODISHA)

# ଫାଶରେ ଫସିଥିବା ୨ଭାଲୁ ଛୁଆ ଉଦ୍ଧାର ମାମଲାରେ ଜଣେ ଗିରଫ



**କେନ୍ଦୁଝରରୁ ଜିଲ୍ଲା ପ୍ରତିନିଧି ରିତା ମିଶ୍ରଙ୍କ ରିପୋର୍ଟ:** ଚଳିତମାସ ୧୪ତାରିଖରେ କେନ୍ଦୁଝର ରେଞ୍ଜ ଅନ୍ତର୍ଗତ ଜଙ୍ଗଲରେ ତାର ଫାଶରେ ଫସିଥିବା ପ୍ରାୟ ୬ ମାସର ୨ ଭାଲୁ ଛୁଆଙ୍କୁ ସଫଳତାର ସହ ଉଦ୍ଧାର କରାଯାଇଥିବା ଘଟଣାରେ ବନ ବିଭାଗ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ୧୪ ଅଗଷ୍ଟ ଭୋରରେ ଦୁଇଟି ଭାଲୁ ଛୁଆ ତାର ଫାଶରେ ଫସିଥିବା ଖବରପାଇ କେନ୍ଦୁଝର ବନଖଣ୍ଡ ପକ୍ଷରୁ ତୁରନ୍ତ ଏକ ଉଦ୍ଧାରକାରୀ ଦଳ ଘଟଣାସ୍ଥଳକୁ ପଠାଯାଇଥିଲା । ଏଥିରେ କେନ୍ଦୁଝର ରେଞ୍ଜର ବନ କର୍ମଚାରୀ, ସହକାରୀ ବନ ସଂରକ୍ଷକ, ବନ ବିଭାଗ ପ୍ରାଣୀ ଚିକିତ୍ସକ, ବାୟୋଲୋଜିଷ୍ଟ ଏବଂ ରାପିଡ୍ ରେସ୍କ୍ୟୁ ଟିମ୍ ସାମିଲ ଥିଲେ । ଉଦ୍ଧାର କାର୍ଯ୍ୟ ସମୟରେ ଭିଡ଼ ନିୟନ୍ତ୍ରଣ ପାଇଁ ମଧ୍ୟ ଏକ ଦଳ ନିୟୋଜିତ ହୋଇଥିଲା । ଭାଲୁ ଛୁଆ ଦୁଇଟିଙ୍କୁ ଡାର୍ଟଗନ୍ ମାଧ୍ୟମରେ ହାଲୁକା ନିଶ୍ଚେତକ ଦେଇ ଶାନ୍ତ କରାଯିବା ପରେ ଜିଆଇ ତାର କଟର ସାହାର୍ଯ୍ୟରେ ଫାଶକୁ ସାବଧାନତାର ସହ କାଟି ଦିଆଯାଇଥିଲା । ପରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଉଭୟ ଛୁଆଙ୍କର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସେମାନଙ୍କ ଶରୀରରେ କୌଣସି ଗୁରୁତର ଆଘାତ ନଥିବା ନିଶ୍ଚିତ ହେବା ପରେ ଉଭୟଙ୍କୁ ପୁଣି ସେମାନଙ୍କ ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ି ଦିଆଯାଇଥିଲା । ବନ କର୍ମଚାରୀ ସେମାନେ ନିରାପଦରେ ଜଙ୍ଗଲ ଭିତରକୁ ପ୍ରବେଶ କରିବା ପର୍ଯ୍ୟନ୍ତ ନଜର ରଖିଥିଲେ । ଏହି ଉଦ୍ଧାର ଅଭିଯାନରେ କେନ୍ଦୁଝର ଅଗ୍ନିଶମ ବିଭାଗ ମଧ୍ୟ ସହଯୋଗ କରିଥିଲା । ଫାଶ ଲଗାଇଥିବା ଅଭିଯୁକ୍ତ ଗିରଫ ଘଟଣାର ତଦନ୍ତ ପରେ ବନ ବିଭାଗ ବୁଧବାର ଭୋର ସମୟରେ ଫାଶ ଲଗାଇଥିବା ବ୍ୟକ୍ତିମାନଙ୍କ ସମ୍ପର୍କରେ ସୂଚନା ପାଇଥିଲା । ଏହି ଆଧାରରେ କେନ୍ଦୁଝର ଜିଲ୍ଲା ସଦର ଥାନା ଜାଡ଼ିଖୁଂଟି ଗ୍ରାମର ସୁଖା ମୁଣ୍ଡାକୁ ବନ ବିଭାଗ ଗିରଫ କରିଛି । ପଚରାଉଚରା ସମୟରେ ଅଭିଯୁକ୍ତ ଜଣକ ଲୁଚାଇ ରଖାଯାଇଥିବା ଅନ୍ୟ ତାର ଫାଶ ଗୁଡ଼ିକର ସ୍ଥାନ ସମ୍ପର୍କରେ ସୂଚନା ଦେଇଥିଲେ । ତାଙ୍କ ସୂଚନା ଆଧାରରେ ବନ ବିଭାଗ ସମସ୍ତ ଫାଶକୁ ଜବତ କରିଛି । ଅଭିଯୁକ୍ତଙ୍କୁ ଅଧିକ ପଚରାଉଚରା ପାଇଁ କେନ୍ଦୁଝର ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି । ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ ଓ ଗିରଫ କରିବା ପାଇଁ ତଦନ୍ତ ଜାରି ରହିଛି । ବନ୍ୟଜନ୍ତୁ ସୁରକ୍ଷା ଆଇନ-୧୯୭୨ର ବିଭିନ୍ନ ଧାରା ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଗିରଫ ଅଭିଯୁକ୍ତମାନଙ୍କୁ ଆଇନ ଅନୁଯାୟୀ ସକ୍ଷମ ଅଦାଲତରେ ହାଜର କରାଯାଇ ନ୍ୟାୟିକ ହେପାଜତକୁ ପଠାଯିବ ବୋଲି କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି କହିଛନ୍ତି ।

# ରାଉରକେଲାରେ ୮୦ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ





ରାଉରକେଲା : ରାଉରକେଲାର ଉଦିତନଗର ପଡ଼ିଆଠାରେ ୮୦ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ କରାଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ସେ ଭାରତର ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନକୁ ମନେପକାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଅଭିଭାଷଣ ଦେଇ ସେ କହିଥିଲେ ଯେ, ରାଉରକେଲାର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ରାଉରକେଲା ବିକାଶ ଦିଗରେ ସରକାର ଅନେକ ଯୋଜନା କରିଛନ୍ତି । ରାଉରକେଲାରେ ଶିଳ୍ପ , ସ୍ୱାସ୍ଥ୍ୟ,ଶିକ୍ଷା ଓ କ୍ରୀଡା କ୍ଷେତ୍ରରେ ବିକାଶ ହୋଇଛି । ୨୦୨୩ ରେ ପୁରୁଷ ହକି ବିଶ୍ୱକପ୍, ହକି ପ୍ରୋ ଲିଗ, ହକି ଇଣ୍ଡିଆ ଲିଗ ରାଉରକେଲାରେ ସଫଳତା ର ସହିତ ଆୟୋଜନ ପରେ ରାଉରକେଲା କ୍ରୀଡା ହବ ହୋଇପାରିଛି । ରାଉରକେଲାର ଖେଳାଳି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଦେଶର ପ୍ରତିନିଧିତ୍ୱ କରି ସୁନ୍ଦରଗଡ଼ ଜିଲ୍ଲା ସହିତ ରାଉରକେଲା ପାଇଁ ଗୌରବ ଆଣିଛନ୍ତି । ଏହା ବ୍ୟତୀତ ସେ କହିଥିଲେ ଯେ ରାଉରକେଲା ମହାନଗର ନିଗମର ପ୍ରୟାସରେ ସହରର ପରିମଳ ବ୍ୟବସ୍ଥା ସୁଦୃଢ ହୋଇ ପାରିଛି । ସହରରେ ସ୍ୱଚ୍ଛତା ଦିଗରେ କରାଯାଉଥିବା ବିଭିନ୍ନ ପଦକ୍ଷେପ ଯୋଗୁଁ ଦେଶରେ ୧୫ ସ୍ୱଚ୍ଛ ସହରରେ ସ୍ଥାନ ପାଇଛି । ସେ ରାଉରକେଲାକୁ ଏକ ସ୍ୱଚ୍ଛ ଓ ସୁନ୍ଦର ସହର ଗଠନ ଦିଗରେ ସମସ୍ତେ ସହଯୋଗ କରନ୍ତୁ ବୋଲି ଆହ୍ୱାନ କରିଥିଲେ । ଏହା ସହିତ ସେ କହିଥିଲେ ଯେ ଗୁରୁବାର ହୋଇଥିବା ଲଗାଣ ବର୍ଷା ରାଉରକେଲା କୁ ବିଶେଷ ପ୍ରଭାବିତ କରିଥିଲା । ଏହିପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାଉରକେଲା ବାସୀଙ୍କ ଧୌର୍ଯ୍ୟ ଓ ସହଯୋଗ ରେ ଖୁବ କମ ସମୟରେ ଏହାର ମୁକାବିଲା କରାଯାଇପାରି ଥିଲା । ଏହି ସମୟରେ ପ୍ରଶାସନ ସହିତ ବିଭିନ୍ନ ସ୍ୱେଚ୍ଛାସେବି ଅନୁଷ୍ଠାନ, ସାଧାରଣ ଜନତା, ସଫେଇ କର୍ମଚାରୀଙ୍କ ସହଯୋଗ ପ୍ରଶଂସନୀୟ । ରିଜର୍ଭ ପୋଲିସର ସମିତ ସାମଲ ଙ୍କ ନେତୃତ୍ୱରେ ପ୍ୟାରେଡ ହୋଇଥିଲା । ପ୍ୟାରେଡ ରେ ୫୪ ଦଳ ଅଂଶ ଗ୍ରହଣ କରିଥିଲେ । ପ୍ୟାରେଡ ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୯ ଜଣ କ୍ରୀଡ଼ା ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା । ଏଥି ସହ ସ୍କୁଲ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସମାରୋହରେ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନି, ଡିଏଫ ଓ ରାଉରକେଲା ରବିକାନ୍ତ ମୀନା, ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ରାଉରକେଲା ମୁଖ୍ୟଜେଲର ଅନ୍ତେବାସୀ ଓ ରାଉରକେଲା ସରକାରୀ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଂଟନ କରାଯାଇଥିଲା । ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ରେ ମହେନ୍ଦ୍ର ମିଶ୍ର ମଂଚ ପରିଚାଳନା କରିଥିଲେ । କାଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବହୁ ସଂଖ୍ୟା ରେ ଜନ ସାଧାରଣ ଉପସ୍ଥିତ ଥିଲେ ।

# ଶ୍ରୀସତ୍ୟସାଇ ସେବା କେନ୍ଦ୍ର ମନ୍ଦିରରେ ବର ଲକ୍ଷ୍ମୀ ପୂଜା ଅନୁଷ୍ଠିତ



ଓଡଗାଁ : ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ପ୍ରତିଷ୍ଠିତ ଶ୍ରୀସତ୍ୟସାଇ ଆଧ୍ୟାତ୍ମିକ ଶିକ୍ଷା ଓ ସାମୁହିକ ସେବା କେନ୍ଦ୍ର ମନ୍ଦିରରେ ଶୁକ୍ରବାର ବର ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷରେ ଥରେ ଗହ୍ମା ପୁର୍ଣିମା ପୂର୍ବ ଶୁକ୍ରବାର ଏହି ପୂଜା ବ୍ରତ ବିଧାନ ଅନୁସାରେ ଶ୍ରୀସତ୍ୟସାଇ ବାବାଙ୍କ ଦ୍ୱାରା ପ୍ରଚଳିତ ପ୍ରଥା ଅନୁସାରେ ପାଳିତ ହୋଇ ଥାଏ । ଏହି ଅବସରରେ ସ୍ଥାନୀୟ ଅଂଚଳର ଶିଳ୍ପପତି ରବୀନ୍ଦ୍ର କୁମାର ପାତ୍ର ସସ୍ତ୍ରିକ କର୍ତା ଭାବରେ ପୂଜାରେ ଉପବିଷ୍ଟ କରିଥିବା ବେଳେ ହେମନ୍ତ କୁମାର ହୋତା ପୂଜା କାର୍ଯ୍ୟ ପରିଚାଳନା କରିଥିବା ବେଳେ ନ୍ୟାୟରଞ୍ଜନ ପୃଷ୍ଟି ସହଯୋଗ କରିଥିଲେ । ଏହା ସହିତ ୨୭ ଜଣ ମହିଳା ଶ୍ରଦ୍ଧାଳୁ ବ୍ରତଧାରୀ ସପରିବାର ଉପସ୍ଥିତ ରହି ବ୍ରତ କଥା ଶୁଣିବା ସହିତ ନିଜ ନିଜ ସମ୍ମୁଖରେ ସ୍ଥାପନ ବର ଲକ୍ଷ୍ମୀଙ୍କ ଫଟୋ ଚିତ୍ରରେ ହଳଦୀ ଚାଉଳ ଓ ପୁଷ୍ପ ଅର୍ପଣ କରିବା ସହିତ ନିଜ ପରିବାର ସୁଖ, ଶାନ୍ତି,ସମୃଦ୍ଧି ଓ ବୈଭବ ନିମନ୍ତେ ସ୍ୱାମୀଙ୍କୁ ପ୍ରାର୍ଥନା କରିଥିଲେ । ଇତ୍ୟବସରରେ ଶ୍ରଦ୍ଧାଳୁ ପରିବାର ଆଣିଥିବା ୩୫ ରୁ ପ୍ରକାରର ବ୍ୟଞ୍ଜନ ଭୋଗଲାଗି କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ତଥା ଅନୁଷ୍ଠାନର ପ୍ରଥମ ଆବାହକ ଅଶୋକ କୁମାର ମହାପାତ୍ର ଓ ତହସିଲଦାର ଡଃ. ମାନସ ରଞ୍ଜନ ଭୋଇ ଅତିଥି ଭାବେ ଉପସ୍ଥିତ ରହି ଶ୍ରଦ୍ଧାଳୁ ଓ ସହଯୋଗୀଙ୍କୁ ଉତ୍ସାହିତ କରିଥିଲେ । ଯୁବ ସଂଯୋଜକ ଚନ୍ଦନ କୁମାର ପାତ୍ର, ପ୍ରସନ୍ନ କୁମାର ଭଞ୍ଜ, ଚକ୍ରଧର ନାୟକ, ବିଜୟ କୁମାର ଦାଶ, ରାମଚନ୍ଦ୍ର ସାହୁ, ଲିଙ୍କନ ପୃଷ୍ଟି , ନୃସିଂହ ଚରଣ ସାହୁ ଓ ମହିଳା ସଂଯୋଜିକା ମମତା ସାହୁ, ନିରୁପମା ଆଧ୍ୟାତ୍ମିକ ଦାସ ଏବଂ ବିଜୟଲକ୍ଷ୍ମୀ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସଂକୀର୍ତନ ମଣ୍ଡଳୀର ଗାହାକ ମକ୍ତାରି ସାହୁଙ୍କ ପରଲୋକ



ରେଙ୍ଗାଲି : ରେଙ୍ଗାଲି ବ୍ଲକ ସାଲଡ଼ ଗ୍ରାମର ଧର୍ମପରାୟଣ ତଥା ସଂକୀର୍ତନ ପ୍ରେମୀ ମକ୍ତାରି ସାହୁଙ୍କ ୯୪ ବର୍ଷ ବୟସ ରେ ପରଲୋକ ଘଟିଛି । ତାଙ୍କ ବିୟୋଗ ରେ ସାଲଡ଼ ସମେତ ଆଖପାଖ ଅଂଚଳ ରେ ଶୋକର ଛାୟା ଖେଳି ଯାଇଛି । ସଂକୀର୍ତନ ମଣ୍ଡଳୀର ଜଣେ ପରିଚିତ ଗାହାକ ଭାବେ ମକ୍ତାରିଙ୍କ ସୁନାମ ରହିଥିଲା ।ସାଲଡ଼ ସମେତ ସମ୍ବଲପୁର, ସୁନ୍ଦରଗଡ଼, ଲକ୍ଷ୍ମଣପୁର ଓ ବେଲପାହାଡ଼ ଅଂଚଳର ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ ଆୟୋଜନ ରେ ସେ ସଂକୀର୍ତନ ପରିବେଷଣ କରି ଲୋକପ୍ରିୟତା ହାସଲ କରିଥିଲେ । କେବଳ ସଂକୀର୍ତନ ନୁହେଁ, କୃଷି କ୍ଷେତ୍ର ରେ ମଧ୍ୟ ତାଙ୍କର ଦକ୍ଷତା ଥିଲା । ଜଣେ ଆଦର୍ଶ ଚାଷୀ ଭାବେ ବ୍ଲକ ଓ ଜିଲ୍ଲାସ୍ତରରେ କୃଷି ବିଭାଗ ପକ୍ଷରୁ ସେ ପୁରସ୍କୃତ ହୋଇ ଥିଲେ । ସାଲଡ଼ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ରେ ମଧ୍ୟ ତାଙ୍କୁ ଶ୍ରେଷ୍ଠ କଳାକାର ଭାବେ ସମ୍ମାନିତ କରା ଯାଇଥିଲା । ତାଙ୍କ ପରଲୋକ ଖବର ପାଇ ପରିବାରବର୍ଗ, ଆତ୍ମୀୟସ୍ୱଜନ, ସଂକୀର୍ତନପ୍ରେମୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ । ତାଙ୍କ ପାଂଚ ଝିଅ, ଜ୍ୱାଇଁ, ନାତି-ନାତୁଣୀ ଓ ପଣନାତିଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ । ସ୍ଥାନୀୟ ଶ୍ମଶାନ ରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇ ଥିବାବେଳେ ପୁତ୍ର ନିତ୍ୟାନନ୍ଦ ସାହୁ ମୁଖାଗ୍ନି ଦେଇଥିଲେ । ମକ୍ତାରିଙ୍କ ବିୟୋଗରେ ଅଂଚଳରେ ଶୋକ ପ୍ରକାଶ ପାଇଛି ।






# ରୋଟାରୀ କ୍ଲବ୍ ଓ ଆଇଆଇଏମ୍ ସମ୍ବଲପୁର ର ମିଳିତ ପ୍ରୟାସ ରେ ମିୟାୱାକି ପଦ୍ଧତିରେ ୧୨୨୩ ଚାରା ରୋପଣ




ସମ୍ବଲପୁର : ପରିବେଶ ସୁରକ୍ଷା ସହ ସବୁଜିମା ବୃଦ୍ଧି ଲକ୍ଷ୍ୟ ରେ ରୋଟାରୀ କ୍ଲବ୍ ସମ୍ବଲପୁର ଓ ଆଇଆଇଏମ୍ ସମ୍ବଲପୁର ର ମିଳିତ ସହଯୋଗ ରେ ରବିବାର ଆଇଆଇଏମ୍ ପରିସର ରେ ଏକ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ମିୟାୱାକି ପଦ୍ଧତି ରେ ଏହି ଅଭିଯାନ ରେ ମୋଟ ୧୨୨୩ଟି ଚାରା ରୋପଣ କରାଯାଇଛି । ମିୟାୱାକି ହେଉଛି ଜାପାନୀ ବନସୃଜନ ପ୍ରଯୁକ୍ତି, ଯାହା ଅଳ୍ପ ସମୟ ମଧ୍ୟରେ ଘଂଚ ଓ ସ୍ଥାନୀୟ ପ୍ରଜାତିର ଜଙ୍ଗଲ ସୃଷ୍ଟି କରିବା ରେ ସହାୟକ ହୋଇଥାଏ । ଏହି ପଦ୍ଧତି ରେ ରୋପଣ କରା ଯାଇଥିବା ଚାରାଗୁଡ଼ିକ ମଧ୍ୟରୁ ଅଧିକାଂଶ ଫଳଦାୟକ ଓ ଔଷଧୀୟ ପ୍ରଜାତିର । ଏହା ଭବିଷ୍ୟତ ରେ ପରିସର ର ଜୈବ ବିବିଧତା ବୃଦ୍ଧି ସହ ପରିବେଶ ଓ ସ୍ୱାସ୍ଥ୍ୟକୁ ସକାରାତ୍ମକ ଭାବେ ପ୍ରଭାବିତ କରିବ ବୋଲି ଆଶା କରା ଯାଇଛି । ଆଇଆଇଏମ୍ ସମ୍ବଲପୁର ରେ ଗତ ତିନି ବର୍ଷ ଧରି ରୋଟାରୀ କ୍ଲବ୍ ପକ୍ଷରୁ ମିୟାୱାକି ପଦ୍ଧତି ରେ ବୃକ୍ଷରୋପଣ କରା ଯାଇଆସୁଛି । ଏହି ନିରନ୍ତର ପ୍ରୟାସ ଦ୍ୱାରା ଆଇଆଇଏମ୍ ପରିସରକୁ ଅଧିକ ସବୁଜ, ସୁନ୍ଦର ଓ ପରିବେଶ ଅନୁକୂଳ କରିବାର ଉଦ୍ୟମ ଜାରି ରହିଛି । କାର୍ଯ୍ୟକ୍ରମ ରେ ଆଇଆଇଏମ୍ ସମ୍ବଲପୁର ର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସୱାଲ ଏବଂ ମୁଖ୍ୟ ପ୍ରଶାସନିକ ଅଧିକାରୀ ଅମୃତ ମହାନ୍ତି ଉପସ୍ଥିତ ରହି ବୃକ୍ଷରୋପଣ ରେ ଅଂଶ ଗ୍ରହଣ କରିଥିଲେ । ରୋଟାରୀ କ୍ଲବ୍ ସମ୍ବଲପୁର ପକ୍ଷରୁ ସଭାପତି ରୋଟାରିଆନ୍ ଚିନ୍ମୟ ଶତପଥୀ, ସମ୍ପାଦକ ରୋଟାରିଆନ୍ ସୁକାନ୍ତ କୁମାର ମେହେର, ପୂର୍ବତନ ସଭାପତିଙ୍କ ସମେତ ବହୁ ସଦସ୍ୟ ଓ ସଦସ୍ୟା ଯୋଗ ଦେଇଥିଲେ । ଏହି ଅବସର ରେ ଆଇଆଇଏମ୍ ସମ୍ବଲପୁର ର କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ଉତ୍ସାହପୂର୍ଣ୍ଣ ସହଯୋଗ ଲକ୍ଷ୍ୟ କରା ଯାଇଥିଲା । ୧୯୭୦ ମସିହାରୁ ସମାଜ ସେବା ଓ ଜନ କଲ୍ୟାଣ ମୂଳକ କାର୍ଯ୍ୟ ରେ ସକ୍ରିୟ ରହିଥିବା ରୋଟାରୀ କ୍ଲବ୍ ସମ୍ବଲପୁର ର ଏହି ପଦକ୍ଷେପ ପରିବେଶ ସଂରକ୍ଷଣ ଦିଗରେ ଏକ ଉଲ୍ଲେଖନୀୟ ପ୍ରୟାସ ବୋଲି ମତ ପ୍ରକାଶ ପାଇଛି । ୧୨୨୩ଟି ଚାରାରୋପଣ ସହ ଆଜିର ଅଭିଯାନ ଆଇଆଇଏମ୍ ସମ୍ବଲପୁର ପରିସରକୁ ଏକ ସମୃଦ୍ଧ ସବୁଜ ପରିବେଶ ରେ ପରିଣତ କରିବା ଦିଗରେ ଆଉ ଏକ ପଦକ୍ଷେପ ହୋଇଥିବା ବେଳେ ଏହା ଆଗାମୀ ପିଢ଼ି ପାଇଁ ପରିବେଶ ସୁରକ୍ଷାର ଏକ ସୁନ୍ଦର ବାର୍ତ୍ତା ବହନ କରିଛି ।

# ଶକ୍ତିଶ୍ରୀ କାର୍ଯ୍ୟକ୍ରମରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




**କେନ୍ଦୁଝରରୁ ଜିଲ୍ଲା ପ୍ରତିନିଧି ରିତା ମିଶ୍ରଙ୍କ ରିପୋର୍ଟ:** ସଦର ବ୍ଲକ ପଦ୍ମପୁରସ୍ଥିତ ଆଂଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅନୁମୋଦନକ୍ରମେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ମାଧ୍ୟମରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ପାଇଁ ଆତ୍ମସୁରକ୍ଷା ତାଲିମ ଶିବିର ଅଧ୍ୟକ୍ଷ ଗତିକୃଷ୍ଣ ବାରିକଙ୍କ ଦ୍ୱାରା ବୁଧବାର ଉଦଘାଟିତ ହୋଇଯାଇଛି । ଉଦଘାଟନ ସମାରୋହରେ ଶକ୍ତିଶ୍ରୀ ସଂଯୋଜିକା ତଥା ସମାଜବିଜ୍ଞାନ ଅଧ୍ୟାପିକା ସ୍ନିଗ୍ଧା ମିଶ୍ର ଛାତ୍ରୀମାନଙ୍କ ନିମନ୍ତେ ଆତ୍ମସୁରକ୍ଷା ତାଲିମର ଆବଶ୍ୟକତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଅଧ୍ୟାପକ ସତ୍ୟବ୍ରତ ସାହୁ, ଅଧ୍ୟାପିକା ମାନିନୀ ସାହୁ, ଅଧ୍ୟାପିକା ମଧୁସ୍ମିତା ପ୍ରଧାନ ପ୍ରମୁଖ ଯୋଗଦେଇ ନାରୀ ଜୀବନରେ ଆତ୍ମସୁରକ୍ଷାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ । ଛାତ୍ରୀମାନଙ୍କ ଆତ୍ମସୁରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ମାଷ୍ଟର ଟ୍ରେନର କୁମୁଦିନୀ ବେହେରା ତାଲିମ ଆରମ୍ଭ କରିଥିଲେ । ଉକ୍ତ ତାଲିମ କାର୍ଯ୍ୟକ୍ରମ ୬ ଦିନ ପର୍ଯ୍ୟନ୍ତ ମହାବିଦ୍ୟାଳୟରେ ଜାରି ରହିବ ବୋଲି ସଂଯୋଜିକା ଶ୍ରୀମତୀ ମିଶ୍ର କହିଛନ୍ତି । ସମାଜବିଜ୍ଞାନ ଛାତ୍ରୀ ମାନିନୀ ସୋରେନଙ୍କୁ ଶକ୍ତିଶ୍ରୀ ସାଥୀ ଭାବେ ମନୋନୀତ କରାଯାଇଛି । ଏହାସହିତ ପ୍ରତ୍ୟେକ ବିଭାଗରୁ ଜଣେ ଜଣେ ଛାତ୍ରୀ ପ୍ରତିନିଧି ଚୟନ କରାଯାଇଛି ।

# ଜିଲ୍ଲାସ୍ତରୀୟ ପ୍ରତିଭା ଅନ୍ୱେଷଣ ଉଦ୍‌ଯାପିତ



**କେନ୍ଦୁଝରରୁ ଜିଲ୍ଲା ପ୍ରତିନିଧି ରିତା ମିଶ୍ରଙ୍କ ରିପୋର୍ଟ:** କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଇନ୍ଦ୍ରଧନୁ ସଂଯୋଜନାରେ ଚଳିତମାସ ୧୪, ୧୫ ଓ ୧୬ତାରିଖ ୩ ଦିନ ଧରି ମଣ୍ଡୁଆସ୍ଥିତ ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ ପ୍ରତିଭା ଅନ୍ୱେଷଣ ସ୍ୱଦ୍ଧା ଅନୁସନ୍ଧାନ-୪ ଅନୁଷ୍ଠିତ ହୋଇଯାଇଛି । ୧୪ ତାରିଖ ଅପରାହ୍ନରେ କେନ୍ଦୁଝର ମାଟିର ସନ୍ତାନ ତଥା ନୂତନ ସହକାରୀ ଜିଲ୍ଲାପାଳ ତଥା ଭୂ-ଆବଂଟନ ଅଧିକାରୀ ରିତେଶ୍ ପଣ୍ଡାଙ୍କ କରକମଳରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିବା ବେଳେ ବିଶେଷ ଅତିଥି ଭାବେ କେନ୍ଦୁଝର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଇଂ ସରୋଜ କୁମାର ଷଡ଼ଙ୍ଗୀ ଏବଂ ସମ୍ମାନିତ ଅତିଥି ଭାବେ କାନପୁର ଜଳସେଚନ ବିଭାଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଶ୍ରୀ ଲିପ୍‌ସା ଡ଼ି କାଶ୍ୟପ୍ ଉପସ୍ଥିତ ଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ପ୍ରିୟଦର୍ଶୀ ଆର. ପଟ୍ଟନାୟକ ଏବଂ ସଂଯୋଜକ ସଞ୍ଜିବ ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆଗକୁ ବଢିଥିଲା । କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ କେନ୍ଦୁଝର ମାଟିର ଅନ୍ୟତମ ସୁଯୋଗ୍ୟ ଦାୟାଦ ଭାରତ ସରକାରଙ୍କ ଜାତୀୟ ନାଟକ ବିଦ୍ୟାଳୟର କୁଳସଚିବ ପ୍ରଦୀପ କୁମାର ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମର ଶ୍ରୀବୃଦ୍ଧି କରିବା ସହିତ ପ୍ରତିଭାଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ସମୁଦାୟ ୨୮ଟି ଶିକ୍ଷାନୁଷ୍ଠାନର ପୂର୍ବ ପ୍ରାଥମିକସ୍ତରରୁ ଉଚ୍ଚମାଧ୍ୟମିକସ୍ତର ପର୍ଯ୍ୟନ୍ତ ସମୁଦାୟ ୮୭୬ ପ୍ରତିଭାଗୀ ସାଧାରଣ ଜ୍ଞାନ, ବକ୍ତୃତା, ପ୍ରବନ୍ଧ, ପ୍ରଶ୍ନ ମଂଚ, ଚିତ୍ରକଳା, ସଙ୍ଗୀତ ଓ କୌତୁକ ବେଶ ଆଦିରେ ଅଂଶଗ୍ରହଣ କରିଥିଲେ । କୋଟି ଓଡ଼ିଆଙ୍କ ମଉଡମଣି ଜଗନ୍ନାଥ ଏବଂ ମା'ତାରିଣୀଙ୍କ ଫଟୋଚିତ୍ରରେ ଭକ୍ତି ନୈବେଦ୍ୟ ଅର୍ପଣ ପୂର୍ବକ ୧୬ ତାରିଖ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସାଂସଦ ଅନନ୍ତ ନାୟକ, ବିଶେଷ ଅତିଥି ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ସାଂସଦଙ୍କ କେନ୍ଦୁଝର ନଗର ସଂଯୋଜକ ବିବେକାନନ୍ଦ ମହାନ୍ତ ମଂଚାସୀନ ହୋଇ କୃତୀ ପ୍ରତିଭାଗୀଙ୍କୁ ପୁରସ୍କୃତ କରିଥିଲେ । ୩ ଦିନର କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଗଣଙ୍କୁ ଶ୍ରଦ୍ଧାର ସନ୍ତକ ପୁଷ୍ପ ଚାରା ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ଅନୁଷ୍ଠାନର ଉପଦେଷ୍ଟା ସ୍ମୃତି ବାନାର୍ଜୀ, ଅମ୍ବିକା ମହାପାତ୍ର, ସୁଶାନ୍ତ କୁମାର ପାତ୍ର, ଅଜୟ କୁମାର ଦାସ, ଅମୀୟ କୁମାର ନାୟକ ଏବଂ ସଞ୍ଜୀବ କୁମାର ମିଶ୍ର । ବିଚାରକ ଭାବେ ଜିଲ୍ଲା ଓ ଜିଲ୍ଲା ବାହାରୁ ପ୍ରତିଷ୍ଠିତ କଳା ପ୍ରତିଭା ଓ ଶିକ୍ଷାବିତ ସାମିଲ ହୋଇଥିବା ବେଳେ ଇନ୍ଦ୍ରଧନୁର ଟିମ୍ ଲିଡର ଅନିତା, ଦୁରନ୍ତିକା, ଗୀତାଞ୍ଜଳି, ଶୁଭସ୍ମିତା, ସ୍ମିତାରାଣୀ, ସ୍ୱାତୀ ମହାନ୍ତି, ସ୍ୱାତୀ ରାଜ, ରିତୁ, ସୁନନ୍ଦା, ମଧୁସ୍ମିତା, ରଞ୍ଜିତା, ମମିତା, ସ୍ମିତିରୂପା, ଶୁଭଲକ୍ଷ୍ମୀ, ମନସିନୀ, ଚକ୍ରଧର ଏବଂ ଇନ୍ଦ୍ରଧନୁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶୁଭଶ୍ରୀ ପଟ୍ଟନାୟକ ଓ ଶ୍ରୀ ଏକାଡେମୀ ଅଫ୍ ଆର୍ଟ ଆଣ୍ଡ କଲଚରର ସତୁମ୍ ରେଡ୍ଡୀ ଓ ସେଚ୍ଛାସେବୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ସଫଳ ହୋଇଥିଲା ।


ଗୌମାତାଙ୍କ ଆରତୀ

ଶ୍ରୀ ଗୌ ମାତା ମାୟାଙ୍କ ଆରତୀ, ଧରଣୀ ବିଶ୍ୱର ଧେୟାଙ୍କ ଆରତୀ,
ଅର୍ଥ, ସଂସାରର ଶକ୍ତି, ଜଗତର ମୁକ୍ତି,
ମନୁଷ୍ୟକୁ ଶୁଭେଚ୍ଛା, ପ୍ରିୟ ପୂଜ୍ୟ ନନ୍ଦ ଚୈୟା ।୧।

ପୃଥିବୀର ସମସ୍ତ ପ୍ରତିପାଳିନୀ ମାତା, ମିଠା ଅମିୟ ଦୁଗ୍ଧ ପ୍ରଦାନକାରୀ,
ଅସୁସ୍ଥତା, ଦୁଃଖ, ଦୁଃଖ, ରୋଗ, ଦୁଃଖ
ଜୀବନ ଭଲ, ଦାରିଦ୍ର୍ୟ ଦୁଃଖ ।୨।

ସୁଷମା ସୌମ୍ୟ ସମୃଦ୍ଧି ପ୍ରକାଶିନୀ, ବିମଳ ବିବେକ ବୁଦ୍ଧି ଦେୟା ଜି,
ସେବକ ଯାହା ଚାହୁଁଛନ୍ତି, ସେ ଦୁଃଖୀ,
ଶତ୍ରୁ ବନ୍ଧୁ ହିଁ ସମସ୍ତଙ୍କ ପ୍ରତି ଦୁଃଖୀ, ସ୍ନେହୀ ।୩।

ପ୍ରତ୍ୟକ ଗୁରୁବାର ଦୀନ ପ୍ରାର୍ଥନା ସମୟରେ ପ୍ରତ୍ୟକ ସ୍ଥଳ ।। ଏହା
ହେଉଛି ଶ୍ରୀ ଗୌମାତା ଜୀଙ୍କ ଆରତୀ । ଭଜନ ଗାଇବେ



ଫିଜିଓଥେରାପି
|NEURO CASES - ସ୍ନାୟୁ ରୋଗ ସମ୍ବନ୍ଧୀୟ
|ORTHO CASES - ଅସ୍ଥିଶଲ୍ୟ ସମ୍ବନ୍ଧୀୟ
|PEDIATRIC CASES - ଶିଶୁ ରୋଗ ସମ୍ବନ୍ଧୀୟ
|GERIATRIC CASES - ବୃଦ୍ଧାବସ୍ଥା ସମ୍ବନ୍ଧୀୟ
|SPORTS INJURY CASES - କ୍ରୀଡ଼ା ଆଘାତ
SCAN TO-ARRIVE
Dr. Monica Maharana
Ex-Consult.IGH,IPU-Lathikata
B-322, KOELNAGAR, ROURKELA
www.thephyx.in
the phyx
PHYSIOTHERAPY - MOVE BETTER
SCAN NOW FOR A BETTER PAIN MANAGEMENT
CALL: +91-9827442158


# ବିଶ୍ରା ବ୍ଲକର ବର୍ଷା ପ୍ରଭାବିତ ଅଂଚଳ ପରିଦର୍ଶନ କଲେ ବିଧାୟକ ରୋହିତ ଜୋସେଫ୍ ତିର୍କି



ରାଉରକେଲା : ବୀରମିତ୍ରପୁର ବିଧାୟକ, ଶ୍ରୀ ରୋହିତ ଜୋସେଫ୍ ତିର୍କି ବିଶ୍ରା ବ୍ଲକର ବର୍ଷା ପ୍ରଭାବିତ ଅଂଚଳ ଗୁଡିକ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି ।ଏହି ସମୟରେ ତାଙ୍କ ସହ ପାନପୋଷ ଉପ-ଜିଲ୍ଲାପାଳ, ଚନ୍ଦ୍ରକାନ୍ତ ବେହେରା , ବିଶ୍ରା, ବିଶ୍ରା ତହସିଲଦାର ଏବଂ ବିଜେଡି ର ଯୁବନେତା ସୋମନାଥ ରାହା, ବିକ୍ରମ ସିଂ,ତାରିକ ଆଜ଼ିଜ଼୍ ଏବଂ ଅନନ୍ୟା ବିଜେଡ଼ି କର୍ମୀମାନେ ଉପସ୍ଥିତ ଥିଲେ ।ବିଧାୟକ ଭଙ୍ଗା ରାସ୍ତା, ପୋଲ ଏବଂ ଜଳବନ୍ଧ ହୋଇଥିବା ଗାଁ ଗୁଡିକୁ ବୁଲି ଦେଖିଲେ ଏବଂ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କଲେ ।ସେ ଅଧିକାରୀମାନଙ୍କୁ ତୁରନ୍ତ କ୍ଷୟକ୍ଷତି ଆକଳନ, ଜଳ ନିଷ୍କାସନ, ରିଲିଫ ବଂଟନ ଏବଂ ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିଧାୟକ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ସହ କଥା ହୋଇ ପୁନଃ ନିର୍ମାଣ ପାଇଁ ସ୍ୱତନ୍ତ୍ର ଅର୍ଥ ମଞ୍ଜୁର କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

# ଚାଷୀ ସମସ୍ୟା ନେଇ ଉପଜିଲ୍ଲାପାଳଙ୍କୁ ଭେଟିଲେ ବିଜେପି ନେତା

**କେନ୍ଦୁଝରରୁ ଜିଲା ପ୍ରତିନିଧି ରିତା ମିଶ୍ରଙ୍କ ରିପୋର୍ଟ:** ଚାଷୀ ମାନଙ୍କ ଆୟକୁ ଦୁଇଗୁଣା କରିବା ପାଇଁ ରାଜ୍ୟ ସରକାର ବ୍ୟାପକ କୃଷକ କଲ୍ୟାଣକାରୀ ଯୋଜନା କରିଛନ୍ତି । ଚଳିତ ଖରିଫ୍ ଧାନ ଚାଷ କରିବା ଆବଶ୍ୟକ ସାର ଯୋଗାଇବାର ବ୍ୟବସ୍ଥା କରାଯାଇଛି । ତତସହିତ ଖରିଫ୍ ଧାନ ସଂଗ୍ରହ ପାଇଁ ଚାଲିଥିବା ଚାଷୀ ପଞ୍ଜୀକରଣ କାର୍ଯ୍ୟକୁ ସରଳୀକରଣ ରାଜ୍ୟ ସରକାର କରିଛନ୍ତି । କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ରମ୍ଭାସ ସେବା ସମବାୟ ସମିତିର ସମ୍ପାଦକ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀକୁ ବେଖାତିର୍ କରି ଚାଷୀ ମାନଙ୍କୁ ହଇରାଣ ହରକତ କରୁଥିବା ଅଭିଯୋଗ ଶତାଧିକ ଚାଷୀ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଂଚି ଲିଖିତ ଅଭିଯୋଗ କରିଛନ୍ତି । କୃଷି ଋଣ ସୁଝିବା ଖିଲାପ ଚାଷୀ ମାନଙ୍କୁ ସାର ଦିଆଯିବ ନାହିଁ ଓ ଖରିଫ ଧାନ ବିକିବା ପାଇଁ ପଞ୍ଜୀକରଣ କରିପାରିବେ ନାହିଁ ବୋଲି ରମ୍ଭାସ ସେବା ସମବାୟ ସମିତି ସମ୍ପାଦକ ରୋକଠୋକ ମନା କରିବା ସହିତ ଧମକ ଚମକ କରୁଥିବା ଚାଷୀ ଅଭିଯୋଗ କରିଛନ୍ତି । ଏହି ଖବର ପାଇବା ପରେ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଘଟଣାସ୍ଥଳକୁ ଯାଇ ଚାଷୀ ମାନଙ୍କୁ ଭେଟି ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ସାହୁ ଆନନ୍ଦପୁର ଉପଜିଲ୍ଲାପାଳ ନୀଳ ମାଧବ ସୁନା ଓ କେନ୍ଦୁଝର ସେବା ସମବାୟ ମୁଖ୍ୟ ପର୍ଶୁରାମ ପାତ୍ରଙ୍କ ସହିତ ଆଲୋଚନା କରିଛନ୍ତି । ଏହାର ନିରପେକ୍ଷ ତଦନ୍ତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ରବୀନ୍ଦ୍ର କୁମାର ପାତ୍ର, ହେମନ୍ତ କୁମାର ପେରେଇ, ସଦାଶିବ ସେନାପତି, ମନ୍ମଥ ପାତ୍ର, କୋଦଣ୍ଡ ପାତ୍ର, ଦିଲ୍ଲୀପ କୁମାର ସ୍ୱାଇଁ, ବାବାଜୀ ଚରଣ ଖୁଂଟିଆ, ରାମଚନ୍ଦ୍ର ଜେନାଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ ।


Hotel : SOLACE
Ph. 0661-2402441
LODGING & KALYAN MANDAP
PANPOSH ROAD, ROURKELA - 769004 (ODISHA)

# ଗୃହସ୍ଥୀ ଉଦ୍ୟୋଗରେ ୮୦ତମ ସ୍ୱାଧୀନତା ଦିବସ ପାଳିତ




ରାଉରକେଲା : ୧୫ ଅଗଷ୍ଟ ଦିନ ଓଡ଼ିଶାର ପ୍ରସିଦ୍ଧ ମସଲା କମ୍ପାନୀ ଗୃହସ୍ଥୀ ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍‌ର କାରଖାନା ପରିସରରେ ୮୦ତମ ସ୍ୱାଧୀନତା ଦିବସ ମହା ଆନନ୍ଦ ଓ ଉତ୍ସାହର ସହ ପାଳନ କରାଯାଇଥିଲା । ଗୃହସ୍ଥୀ ଉଦ୍ୟୋଗ ନିଜର ଗୁଣବତା ସହିତ ଦେଶର ସମସ୍ତ ଜାତୀୟ ପର୍ବ ଓ ପର୍ବପର୍ବାଣୀକୁ ହର୍ଷୋଲ୍ଲାସର ସହ ପାଳନ କରିବା ପାଇଁ ସର୍ବଦା ପରିଚିତ । ଏହି ଅବସରରେ କମ୍ପାନୀ ପରିସରରେ ଡାଇରେକ୍ଟର ଶ୍ରୀମତୀ ମଞ୍ଜୁ ଦେବୀ ବଗଡ଼ିଆ ଏବଂ ସି.ଇ.ଓ. ଅମିତ ଅଗ୍ରୱାଲଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ କରାଯାଇଥିଲା । ସମଗ୍ର ପରିସରକୁ ରଙ୍ଗବେରଙ୍ଗର ଜାତୀୟ ପତାକା ଓ ଫୁଲରେ ସୁସଜ୍ଜିତ କରାଯାଇଥିଲା, ଯାହା ଫଳରେ ପରିବେଶ ସମ୍ପୂର୍ଣ୍ଣ ଦେଶପ୍ରେମର ଭାବନାରେ ଭରିଯାଇଥିଲା । ଜାତୀୟ ସଙ୍ଗୀତ "ଜନ ଗଣ ମନ"ର ଗୁଞ୍ଜରଣ ମଧ୍ୟରେ ପତାକା ଉତୋଳନ କରାଯାଇଥିଲା । ଉପସ୍ଥିତ ସମସ୍ତ କର୍ମଚାରୀ ଓ ଅତିଥିମାନେ ଗର୍ବ, ସମ୍ମାନ ଓ ଉତ୍ସାହର ସହ ଜାତୀୟ ସଙ୍ଗୀତରେ ଅଂଶଗ୍ରହଣ କରିଥିଲେ । ଏହାପରେ ଦରବାରରେ ସୁସଜ୍ଜିତ ଗୋମାତା, ଗୁରୁମାତା ଏବଂ ପିତୃପୁରୁଷଙ୍କ ସମ୍ମୁଖରେ ଦୀପ ପ୍ରଜ୍ୱଳନ କରାଯାଇ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା । ଉପସ୍ଥିତ ବକ୍ତାମାନେ ନିଜ ନିଜ ବକ୍ତବ୍ୟରେ ସ୍ୱାଧୀନତା ସଂଗ୍ରାମର ବୀର ନାୟକମାନଙ୍କୁ ସ୍ମରଣ କରିବା ସହ ସେମାନଙ୍କର ତ୍ୟାଗ ଓ ବଳିଦାନ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଗୃହସ୍ଥୀ ଉଦ୍ୟୋଗର କର୍ମଚାରୀମାନେ ଦେଶଭକ୍ତିମୂଳକ ସଙ୍ଗୀତ ପରିବେଷଣ କରିଥିଲେ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ମଧ୍ୟ କରାଯାଇଥିଲା । ଏହା ଫଳରେ ସମଗ୍ର କାର୍ଯ୍ୟକ୍ରମ ଆହୁରି ଆକର୍ଷଣୀୟ ଓ ଉତ୍ସାହପୂର୍ଣ୍ଣ ହୋଇଉଠିଥିଲା । ଏହି ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମର ସଫଳ ସଂଚାଳନ ମିସ୍ ସୁଭାଶ୍ରୀ ରାୟଙ୍କ ଦ୍ୱାରା କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ସଙ୍ଗୀତା କୁଣ୍ଟୁ, ଅଞ୍ଜଳି ସାହୁ, ପ୍ରଫୁଲ୍ଲ ପାତ୍ର, ମୁକେଶ ଠାକୁର, ଅବିନାଶ ମିଶ୍ର, ସୀତାରାମ ବଗଡ଼ିଆ ଏବଂ ଟି. ପୁରୁଷୋତମଙ୍କର ବିଶେଷ ସହଯୋଗ ରହିଥିଲା । କାର୍ଯ୍ୟକ୍ରମର ସମାପ୍ତିରେ ରାଷ୍ଟ୍ରପ୍ରେମ, ଏକତା ଓ ଦେଶର ପ୍ରଗତି ପାଇଁ ସମସ୍ତେ ନିଜର ଦାୟିତ୍ୱବୋଧ ଓ ସଂକଳ୍ପକୁ ପୁନଃ ଦୃଢ଼ କରିଥିଲେ ।

# ସୁନ୍ଦରଗଡ଼ ଠାରେ ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳିତ



ସୁନ୍ଦରଗଡ଼ : ସୁନ୍ଦରଗଡ଼ ସଦର ମହକୁମାଠାରେ ୮୦ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତୋଳନ କରିଥିଲେ ଏବଂ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହିତ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇଥିଲେ । ଏହି ପବିତ୍ର ଦିବସ ଉପଲକ୍ଷେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କୁ ମୁକ୍ତି, ଅହିଂସା, ଶାନ୍ତି ଓ ସଦିଚ୍ଛା ର ମହାନ୍ ପର୍ବ ସ୍ୱାଧୀନତା ଦିବସ ଉପଲକ୍ଷେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଦେଶ ର ମୁକ୍ତି ପାଇଁ ପ୍ରାଣ ବଳି ଦେଇଥିବା ଅଗଣିତ ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ଜାତୀୟବାଦୀ ନେତୃବୃନ୍ଦଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ବିଶ୍ୱ ଇତିହାସରେ ଭାରତର ସ୍ୱାଧୀନତା ସଂଗ୍ରାମ ଏକ ଅନନ୍ୟ ଅଧ୍ୟାୟ । ଭାରତବର୍ଷରୁ ବ୍ରିଟିଶ ଶାସନର ଅନ୍ତ ଘଟାଇବା ପାଇଁ ସଂଗଠିତ ଆନ୍ଦୋଳନର ମୂଳଭିତି ଥିଲା ଅହିଂସା, ସତ୍ୟାଗ୍ରହ, ଓ ଅସହଯୋଗ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଗଣିତ ଭାରତୀୟ ଜାତି, ବର୍ଣ୍ଣ , ଧର୍ମ ନିର୍ବିଶେଷରେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ । ଦେଶର ମୁକ୍ତି ପାଇଁ ପ୍ରାଣ ବଳି ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ନେତୃବୃନ୍ଦ ଯଥା ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ମୌଲାନା ଅବୁଲ କଲାମ ଆଜାଦଙ୍କ ସମେତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସହିଦ ଭଗତ ସିଂ, ଚନ୍ଦ୍ର ଶେଖର ଆଜାଦ ପ୍ରମୁଖଙ୍କ କୀର୍ତି ଆଜି ଇତିହାସରେ ସ୍ୱର୍ଣାକ୍ଷରରେ ଲିପିବଦ୍ଧ ରହିଛି । ସେହିଭଳି ଭାବେ ସ୍ୱାଧୀନତା ସଂଗ୍ରାମରେ ସୁନ୍ଦରଗଡ଼ ମାଟିର ଅବଦାନ ଅତୁଳନୀୟ । ଭଗବାନ ବିର୍ସା ମୁଣ୍ଡାଙ୍କ ନେତୃତ୍ୱରେ ଇଂରେଜ ମାନଙ୍କ ବିରୋଧରେ ସଂଗ୍ରାମରେ ଅଗଣିତ ବୀର ସନ୍ତାନ ମାନେ ନିଜ ଜୀବନକୁ ବାଜି ଲଗେଇ ଆଗେଇ ଆସିଥିଲେ । ନିର୍ମଳ ମୁଣ୍ଡା, ଜଗନ୍ ତନ୍ତୀ, ବଳଭଦ୍ର ତନ୍ତୀ, ଦ୍ୱାରିକା ନାଥ କୁସୁମ, ଓକିଲ ଧନଞ୍ଜୟ ମହାନ୍ତି, ଚିରଞ୍ଜିଲାଲ ଶର୍ମା, ଅଭିରାମ ପ୍ରସାଦ ବର୍ମା, ଗଙ୍ଗା ସିଂ, ଫତେ ଚାନ୍ଦ ଭଳି ଅନେକ ପ୍ରମୁଖ ବୀର ସନ୍ତାନ ମାନେ ଇଂରେଜ ବିରୋଧୀ ଆନ୍ଦୋଳନକୁ ଆହୁରି ବ୍ୟାପକ କରିଥିଲେ । ସେହିଭଳି ମାନ୍ୟବରଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ନିଜ ବକ୍ତବ୍ୟରେ କହିଥିଲେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦର୍ଶୀ ନେତୃତ୍ୱରେ ପରିଚାଳିତ ସରକାର ରାଜ୍ୟକୁ ବିକଶିତ କରିବାରେ ନିରନ୍ତର ପ୍ରୟାସ ଜାରି ରଖିଛି । ସେ ସ୍ୱାସ୍ଥ୍ୟ କ୍ଷେତ୍ର ହେଉ କି କୃଷି, ଶିକ୍ଷା କ୍ଷେତ୍ର, ଶିଳ୍ପ କ୍ଷେତ୍ର, ମହିଳା ସଶକ୍ତିକରଣ, ଯୁବ ସଶକ୍ତିକରଣ,ଜନଜାତିଙ୍କ ବିକାଶ,ଗ୍ରାମ ଓ ସହର ଗୁଡ଼ିକ ବିକାଶ, ଅତ୍ୟାଧୁନିକ ପରିବହନ ବ୍ୟବସ୍ଥା, କଳା, ସଂସ୍କୃତି, ଐତିହ୍ୟର ବିକାଶ ଏବଂ ସଂରକ୍ଷଣ ଭଳି ପ୍ରତ୍ୟେକ କ୍ଷେତ୍ରରେ ସାମଗ୍ରିକ ବିକାଶ ଦିଗରେ ଓଡ଼ିଶା ଆଗଭର ହେଉଅଛି । ଓଡ଼ିଶାର ସାମଗ୍ରିକ ଉନ୍ନତି ଦାୟିତ୍ୱ ଆମ ସମସ୍ତଙ୍କର । ଓଡ଼ିଶା କୁ ଦେଶ ର ଅଗ୍ରଣୀ ରାଜ୍ୟ ଭାବେ ଗଢିତୋଳିବା ପାଇଁ ଏହି ପବିତ୍ର ଦିବସରେ ଆମେ ସଂକଳ୍ପ ନେବା । ଏହି ପବିତ୍ର ଦିବସ ଅବସରରେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ୟାରେଡ ଅନୁଷ୍ଠିତ ହୋଇଥିଲା । ସମ୍ମିଳିତ ପ୍ୟାରେଡ ରେ ଶ୍ରେଷ୍ଠ ବିବେଚିତ ଦଳ ଗୁଡ଼ିକୁ ପୁରସ୍କୃତ କରାଯାଇଥିଲା । ସେହିଭଳି ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ଏବଂ ଚଳିତ ମାଟ୍ରିକ ପରୀକ୍ଷାରେ ଟପ୍ପର ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ପରେ ସାର୍ଥକ ସ୍କୁଲ, ଆସ୍ଥା ଗୃହ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବାଇମ୍ ଜିଲ୍ଲା କାରାଗାର ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଫଳ ଓ ମିଷ୍ଟାନ ବଂଟନ କରାଯାଇଥିଲା । ସେହିଭଳି ସନ୍ଧ୍ୟାରେ ସଂସ୍କୃତି ଭବନ ଠାରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ଼ଃ. ଶୁଭଙ୍କର ମହାପାତ୍ର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଅମ୍ରିତ ପାଲ କୌର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ସୁଶ୍ରୀ ତେଜସ୍ୱିନୀ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଉପସ୍ଥିତ ଥିଲେ । ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ସକାଳେ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପକ୍ଷରୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ୍ ପରିବେଷଣ କରାଯାଇଥିଲା । ସେହିଭଳି ସହର ମଧ୍ୟରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଏବଂ ଜିଲ୍ଲା କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଜାତୀୟ ପତାକା ଉତୋଳନ କରିଥିଲେ । ଏହି ଅବସରରେ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଗଞ୍ଜାମ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ଜନସ୍ୱାର୍ଥ ପ୍ରସଙ୍ଗର ସମୀକ୍ଷା କଲେ ବିଧାନସଭାର ଗୃହ କମିଟି



ବ୍ରହ୍ମପୁର (ହିମାଂଶୁ ଶେଖର ସାବତ): ଓଡ଼ିଶା ବିଧାନସଭାର ଗୃହ କମିଟି (ସବମିଶନ) ବିଧାୟକ ଲକ୍ଷ୍ମଣ ବାଗଙ୍କ ନେତୃତ୍ୱରେ ଗଞ୍ଜାମ ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସ୍ଥିତି, କାର୍ଯ୍ୟ ଅଗ୍ରଗତି ଏବଂ ଜନସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗର ସମୀକ୍ଷା କରିଛନ୍ତି । କମିଟିର ସଦସ୍ୟ ଆସିକା ବିଧାୟକ ସରୋଜ ପାଢ଼ୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତି, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଏବଂ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଭଞ୍ଜନଗର ଉପଜିଲ୍ଲାପାଳ ଡଃ. ଉମାଶଙ୍କର ବେହେରା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ସମେତ ଜିଲ୍ଲା ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଏହି ଗସ୍ତରେ ସାମିଲ ହୋଇଥିଲେ । କମିଟି ପ୍ରଥମେ ଆସିକା ଲକ୍ଷ୍ମୀ ବଜାର ନିକଟସ୍ଥ ଟିପିସର ନାଳ ପରିଦର୍ଶନ କରି ଏହାର ସ୍ଥିତି ଅନୁଧ୍ୟାନ କରିଥିଲେ । ପରେ ଋଷିକୁଲ୍ୟା ନଦୀ ଉପରେ ନିର୍ମିତ ଚେକ୍‌ଡ୍ୟାମ୍, ଋଷିକୁଲ୍ୟା ଓ ବଡ଼ନଦୀ ଉପରେ ନିର୍ମାଣାଧୀନ ହାଇ ଲେଭେଲ୍ ବ୍ରିଜ୍, ଆସିକା ବାଇପାସ୍ ରାସ୍ତା ଏବଂ କଇଁଫୁଲିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ପ୍ରକଳ୍ପଗୁଡ଼ିକର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ପରେ ଆସିକା ପୌର ପରିଷଦ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାପାଳ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରସଙ୍ଗ, ଜନସାଧାରଣଙ୍କ ସମସ୍ୟା ଏବଂ ବିଧାନସଭାରେ ଉତାପିତ ସବମିଶନଗୁଡ଼ିକର କାର୍ଯ୍ୟାନ୍ୱୟନ ସ୍ଥିତି ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ବିଶେଷକରି ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ପାନୀୟ ଜଳ ସମସ୍ୟାର ସମାଧାନ, ଆସିକା ସହରର ଜଳ ନିଷ୍କାସନ ବ୍ୟବସ୍ଥା, କବିସୂର୍ଯ୍ୟନଗର ଅଂଚଳର ଚାଷଜମିକୁ ସାଲିଆ ଡ୍ୟାମ୍ ମାଧ୍ୟମରେ ଜଳସେଚନ ସୁବିଧା, ଛତ୍ରପୁର ମୁଖ୍ୟ କେନାଲର ନବୀକରଣ, ଖଲ୍ଲିକୋଟ ଅଂଚଳର ସାମଲ ଭିଲେଜ୍‌ରେ ସୁରକ୍ଷା ପ୍ରାଚୀର ନିର୍ମାଣ ଏବଂ ପାତ୍ରପୁର ବ୍ଲକ୍‌ର ଗୌଡୁଣୀ ଆଶ୍ରମ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ଆଦି ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିଲା । ସେହିପରି ପାତ୍ରପୁର ତହସିଲ କର୍ମଚାରୀଙ୍କ ପାଇଁ ସରକାରୀ କ୍ୱାର୍ଟର ନିର୍ମାଣ, ପାତ୍ରପୁରରେ ପୋଲିସ ଆଉଟ୍‌ପୋଷ୍ଟ ପ୍ରତିଷ୍ଠା, ଲାଠି ପଂଚାୟତ ଅଂଚଳରେ ଡାଏରିଆ ଓ ଡେଙ୍ଗୁ ପ୍ରତିରୋଧମୂଳକ ପଦକ୍ଷେପ, ଦିଗପହଣ୍ଡି ପିଏଚ୍‌ସିକୁ ସିଏଚ୍‌ସିରେ ଉନ୍ନୀତ କରିବା, କବିସୂର୍ଯ୍ୟନଗର ଅଂଚଳରେ ବସୁଧା ଯୋଜନା ମାଧ୍ୟମରେ ପାନୀୟ ଜଳ ଯୋଗାଣ, ବେଗୁନିଆପଡ଼ା ପିଏଚ୍‌ସିକୁ ସିଏଚ୍‌ସିରେ ପରିଣତ କରିବା ଏବଂ ଚାଷୀଙ୍କ ସୁବିଧା ପାଇଁ ଶୀତଳ ଭଣ୍ଡାର ପ୍ରତିଷ୍ଠା ଭଳି ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏଥିସହ ବୋମ୍‌କେଇ ପାଟ ଶାଢ଼ି ବୁଣାକାରଙ୍କୁ ପ୍ରଶିକ୍ଷଣ, କବିସୂର୍ଯ୍ୟନଗରରେ ଟ୍ରେଜେରୀ କାର୍ଯ୍ୟାଳୟ ପ୍ରତିଷ୍ଠା ଏବଂ ଆସିକା ସ୍ପିନିଂ ମିଲ୍‌ର କାର୍ଯ୍ୟକ୍ଷମତା ସମେତ ଅନ୍ୟାନ୍ୟ ଜନସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗ ନେଇ କମିଟି ସଦସ୍ୟମାନେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲାର ବିକାଶ, ଭିତିଭୂମି, ଜଳସେଚନ, ପାନୀୟ ଜଳ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ଯୋଗାଯୋଗ ଭଳି ଜନସ୍ୱାର୍ଥ ସମ୍ପର୍କିତ ବିଷୟଗୁଡ଼ିକୁ କମିଟି ଗୁରୁତ୍ୱ ଦେଇଥିଲେ । ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଓ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରି ଏହାର ସୁଫଳ ଶୀଘ୍ର ଜନସାଧାରଣଙ୍କ ନିକଟରେ ପହଂଚାଇବାକୁ କମିଟି ପରାମର୍ଶ ଦେଇଥିଲେ ।

# ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ




**କେନ୍ଦୁଝରରୁ ଜିଲ୍ଲା ପ୍ରତିନିଧି ରିତା ମିଶ୍ରଙ୍କ ରିପୋର୍ଟ:** ଚନ୍ଦ୍ରଶେଖର ମହାବିଦ୍ୟାଳୟ ଚମ୍ପୁଆରେ ମଙ୍ଗଳବାର ନିଶାମୁକ୍ତ ଭାରତ ସଚେତନତା ଅଭିଯାନ ଭାରପ୍ରାପ୍ତ ଅଧକ୍ଷ ପ୍ରଶାନ୍ତ କୁମାର ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ରାମଲା ଶାଖା ରାଜଯୋଗିନୀ ସୌଦାମିନୀ ଓ ଗାୟତ୍ରୀଙ୍କ ମାର୍ଗଦର୍ଶନରେ ସମସ୍ତ ଯୁବଶକ୍ତି କିପରି ନିଶା ଠାରୁ ଦୂରେଇ ରହିବେ ଏବଂ ନିଶାର କୁପ୍ରଭାବ କିପରି ସମାଜକୁ କଳୁଷିତ କଲାଣି ସେଥିପାଇଁ ସଚେତନତା ହିଁ ସତର୍କତା ବୋଲି ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଚମ୍ପକେଶ୍ୱର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଗିରି, ପୁନମ ହରୋ, ରଶ୍ମିରେଖା ବେହେରା, ବିଜୟ ଭୁଏଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ । ଶତାଧିକ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ ।

# ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ୬୫୦ତମ ଜନ୍ମ ଜୟନ୍ତୀରେ କଳସ ବନ୍ଦନ ଅଭିଯାନ ଶୁଭାରମ୍ଭ

**କେନ୍ଦୁଝରରୁ ଜିଲ୍ଲା ପ୍ରତିନିଧି ରିତା ମିଶ୍ରଙ୍କ ରିପୋର୍ଟ:**ତ୍ରୟୋଦଶ ଶତାବ୍ଦୀ ବେଳକୁ ବାହ୍ୟ ଶତ୍ରୁଙ୍କ ଆକ୍ରମଣ ଏବଂ ଧର୍ମାନ୍ତୀରଣ ପ୍ରକ୍ରିୟା କାରଣରୁ ସାମାଜିକ ବୈଷମ୍ୟ ଓ ଜାତିଭେଦର ଅସ୍ପୃଶ୍ୟତା ପ୍ରମୁଖ ଶିଖରରେ ପହଂଚିଥିଲା । ସାମଗ୍ରିକ ଭାବେ ସତାନତ ଧର୍ମ ମଧ ବହୁ ଆହ୍ୱାନର ସମ୍ମୁଖୀନ ହୋଇଥିଲା । ଦୀର୍ଘ ୧୨୦୦ ବର୍ଷ ଧରି ଦେଶ ପରାଧୀନ ଥିଲା । ଇଂରେଜଙ୍କ ଠାରୁ ଆରମ୍ଭ କରି ମୋଗଲ ପର୍ଯ୍ୟନ୍ତ ସଭିଏଁ ସନାତନ ଧର୍ମକୁ ବାରମ୍ବାର ଆକ୍ରମଣ କରିଥିଲେ । ଏହି ଧର୍ମକୁ ନଷ୍ଟ କରିବା ପାଇଁ ଅନେକ ଅପଚେଷ୍ଟା କରିଥିଲେ । ମାତ୍ର ସନ୍ଥ ଶିରୋମଣି ଗୁରୁ ଶ୍ରୀ ରବି ଦାସ ମହାରାଜଙ୍କ କାରଣରୁ ଏହି ସନାତନ ଧର୍ମର ରକ୍ଷା ହେବା ସହିତ ଅନେକ ସଂସ୍କାର ଆସିଥିଲା । ଏହି ଧର୍ମ ସହ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ । ଆଜି ଆମକୁ ଯେଉଁ ସାମାଜିକ ଓ ଅର୍ଥନୈତିକ ସ୍ୱାଧୀନତା ମିଳିଛି, ଏହାପଛରେ ଆମ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ ପୂଜ୍ୟସନ୍ଥ ଶ୍ରୀ ଗୁରୁ ରବି ଦାସ ମହାରାଜ ଅଟନ୍ତି । ସମାଜରେ ଯେତେବେଳେ କିଛି ରୁଢ଼ିବାଦୀ ଲୋକ ଆମ ଭିତରେ ଝଗଡ଼ା ଲଗେଇବା ପାଇଁ, ବିବାଦ କରିବା ପାଇଁ, ଜାତିବାଦ ଆଣିବା ପାଇଁ ଉଦ୍ୟମ କରୁଥିଲେ ସେତେବେଳେ ସନ୍ଥ ଶ୍ରୀ ରବିଦାସ ଅନେକ ସଂଘର୍ଷ କରି ସମରସତାର ବାର୍ତା ଦେଇ ସମାଜରୁ ଛୁଆଁ, ଅଛୁଆଁ, ଅସ୍ପୃଶ୍ୟତା ଭେଦଭାବ ଦୂର କରିବାକୁ ଚେଷ୍ଟା କରିଥିଲେ । ସମାଜରେ ସଂସ୍କାର ଆଣି ଠିକ୍ ଭାବେ ଗଢ଼ିବା ପାଇଁ ସଂକଳ୍ପ ନେବା ସହିତ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବା ପାଇଁ ଅନେକ ଯୁଗପୋଯୋଗୀ ନିଷ୍ପତି ନେଇଥିଲେ । ପରିବର୍ତନ କରିବାର ଆତ୍ମବିଶ୍ୱାସ, ପ୍ରତିବଦ୍ଧତା ଓ ଧୈର୍ଯ୍ୟ ବଳରେ ସାମାଜିକ ସମରସତାକୁ ଲୋକଙ୍କ ପାଖରେ ପହଂଚାଇ ପାରିଥିଲେ । ଏଥିଯୋଗୁଁ ସମଗ୍ର ଭାରତବର୍ଷରେ ଆଜି ଲୋକେ ତାଙ୍କୁ ପୂଜା କରୁଛନ୍ତି । ଏଭଳି ସମାଜ ସଂସ୍କାର କାର୍ଯ୍ୟ ଯୋଗୁଁ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ସନ୍ଥ ରବିଦାସଜୀଙ୍କୁ ଲୋକେ ମନେ ପକାଇବା ସହ ତାଙ୍କ ରାସ୍ତାକୁ ଅନୁସରଣ କରିବେ ।




କେନ୍ଦୁଝର ଜିଲ୍ଲାରେ ସନ୍ଥଜୀଙ୍କ ବାର୍ତାକୁ ନେଇ ସବୁଗାଁରେ ପହଂଚାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ସନ୍ଥ ରବି ଦାସଙ୍କ ବାର୍ତାକୁ ଜିଲ୍ଲାର ବ୍ଲକ ଓ ମଣ୍ଡଳସ୍ତର ପର୍ଯ୍ୟନ୍ତ ପହଂଚାଇବା ପାଇଁ ବିଜେପି ସଂକଳ୍ପବଦ୍ଧ । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଏକାକାର କରିବା ପାଇଁ ବିଜେପିର ପ୍ରୟାସ ନିଶ୍ଚିନ୍ତ ସଫଳ ହେବ ବୋଲି ଜିଲ୍ଲା ସଭାପତି ଶ୍ରୀ ମହାନ୍ତ କହିଛନ୍ତି । ପ୍ରାଚୀନ କାଳରୁ ମାନବ ସଭ୍ୟତା, ସଂସ୍କୃତି, ଧର୍ମ, ଦର୍ଶନ ଓ ଜ୍ଞାନବିଜ୍ଞାନର ଆଦି ଭୂମି ରୂପେ ପ୍ରସିଦ୍ଧି ଅର୍ଜନ କରିଆସିଛି ଭାରତବର୍ଷ । ଏହି ପରିପ୍ରେକ୍ଷୀରେ ତାଙ୍କ ଜନ୍ମସ୍ଥାନ ବାରଣାସୀ କାଶୀରୁ ପବିତ୍ର ମୃତିକାକୁ କଳସରେ ସଂଗ୍ରହ କରାଯାଇ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ପଠାଯାଇଥିଲା । ସେହିପରି କେନ୍ଦୁଝରରୁ ଯାଇଥିବା ପ୍ରତିନିଧିଦଳ ଏହି ପବିତ୍ର କଳସକୁ ଆଣିଥିଲେ । ବୁଧବାର ଏକ ଭବ୍ୟ ସମାରୋହରେ କାର୍ଯ୍ୟକର୍ତାଙ୍କ ଜରିଆରେ ବିଜେପିର ୪୫ଟି ସାଙ୍ଗଠନିକ ମଣ୍ଡଳରୁ ସ୍ଥାନୀୟ ମହାପୁରଷମାନଙ୍କ ଜନ୍ମସ୍ଥାନରୁ ମାଟି ଅଣାଯାଇ ଏହି ପବିତ୍ର ମୃତିକାରେ ମିଶାଯିବା ପରେ ତାହାକୁ ୪୫ଟି ପୃଥକ୍ କଳସରେ ବଂଟନ କରାଯିବା ପରେ ପୁଣି ଥରେ ୪୫ଟି ସାଙ୍ଗଠନିକ ମଣ୍ଡଳକୁ ପ୍ରେରିତ କରାଯାଇଛି । ସେଠାରୁ ପ୍ରତ୍ୟେକ ଗ୍ରାମ ପଂଚାୟତରୁ ପ୍ରତ୍ୟେକ ଗ୍ରାମକୁ ଏହି ପବିତ୍ର କଳସ ବୁଲିବା ପରେ ଶେଷରେ ସେହି ସ୍ଥାନରେ ଚାରାରୋପଣ କରାଯିବ । ଏହି ଅଭିଯାନ ଅଧୀନରେ ବିଭିନ୍ନ ଧାର୍ମିକ, ସାମାଜିକ, ସାଂସ୍କୃତିକ ଏବଂ ଜନସମ୍ପର୍କମୂଳକ କାର୍ଯ୍ୟକ୍ରମ କରାଯିବ । ଏଥିରେ ବହୁ ସଂଖ୍ୟାରେ ସାଧୁ ସନ୍ଥମାନେ ସାମିଲ ହେବେ । ପବିତ୍ର ମାଟି ସହିତ ଶ୍ରୀ ରବି ଦାସଙ୍କ ବାର୍ତା ଓ ଆଦର୍ଶକୁ ଗାଁ ଗାଁରେ ପହଂଚାଯିବ । ବୁଧବାର କେନ୍ଦୁଝର ଜିଲ୍ଲାରେ କଳସ ବନ୍ଦନ ଅଭିଯାନର ଶୁଭାରମ୍ଭ ଅବସରରେ ଜିଲ୍ଲା ବିଜେପି ସଭାପତି ଶ୍ରୀ ମହାନ୍ତଙ୍କ ନେତୃତ୍ୱରେ କେନ୍ଦୁଝର ସହରର କାଶୀପୁର ମା'ଲକ୍ଷ୍ମୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି କଳସ ଯାତ୍ରାରେ ସଂକୀର୍ତନ ହୁଳହୁଳି ଦେଇ ବିଜେପି ଜିଲ୍ଲା କାର୍ଯ୍ୟାଳୟକୁ ଆସିଥିଲେ । କାର୍ଯ୍ୟାଳୟରେ ଅନୁଷ୍ଠିତ ଭବ୍ୟ କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତିଙ୍କ ସମେତ ସାଂସଦ ଅନନ୍ତ ନାୟକ, ଜିଲ୍ଲା ଅନୁସୂଚିତଜାତି ମୋର୍ଚ୍ଚା ସଭାପତି ଶାନ୍ତନୁ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ଏବଂ ଅଗନୁ ମହାନ୍ତ, ରାଜ୍ୟ ଅନୁସୂଚିତଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ଆଲୋକ କୁମାର ସେଠୀ, ଘସିପୁରା ବିଧାନସଭା ପ୍ରାର୍ଥୀ ଡ଼ଃ. ଶମ୍ଭୁନାଥ ରାଉତ,ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭାପତି ମମିତା ନାଏକ, ରାଜ୍ୟ ବିଜେପି ସମ୍ପାଦିକା ମମତା ସିଂହ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାକାନ୍ତ ମହାନ୍ତ, ଯୋଗଗୁରୁ ଡମ୍ବରୁଧର ସାହୁ, ପଣ୍ଡିତ ପ୍ରଭାସଚନ୍ଦ୍ର ଦାସ, ବାବା କୃଷ୍ଣଚନ୍ଦ୍ର ରାମ, ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ତୃପ୍ତିମୟୀ ଜେନା ଏବଂ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ମଂଚାସୀନ ହୋଇ ସନ୍ଥ ଶିରୋମଣି ଗୁରୁ ଶ୍ରୀ ରବି ଦାସଙ୍କ ଦର୍ଶନ, ସମରସତା, ସାମାଜିକ ନ୍ୟାୟ ଓ ମାନବତାର ବାର୍ତାକୁ ଅଭିଭାଷଣ ମାଧ୍ୟମରେ ରଖିଥିଲେ ।

# ପୁରୀ ବେଳା ଭୁମିରେ କେହି ଜୀବିକା ହରାଇବେ ନାହିଁ : ପ୍ରଭାତୀ

## ପୁରୀ ବିଚ୍ ଫଟୋଗ୍ରାଫର ମହସଂଘ୍ ତରଫରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ



ପୁରୀ : ପୁରୀ ବିଚ୍ ଫଟୋଗ୍ରାଫର ମହାସଂଘ ତରଫରୁ ବିଶ୍ୱ ଫଟୋ ଗ୍ରାଫି ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି ।ଏହି ଅବସରରେ ଏକ ସଚେତନତା ରାଲି ପୁରୀ ସମୁଦ୍ର କୂଳ ଠାରେ ସକାଳେ ଅନୁଷ୍ଠିତ ହୋଇ ଥିଲା ଏହି ରାଲି କୁ ପୁରୀ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ ସମୁଦ୍ର କୂଳ ଥାନା ଅଧିକାରୀ ମାନସ ଚକ୍ରା ଉଦ୍‌ଘାଟନ କରିଥିଲେ । ରାଲି ଦିଗବାରେଣୀ ଖୁଂଟି ଠାରୁ ଆରମ୍ଭ ହୋଇ ହଂଶ କୋକୋ ପାମ ପାଖରେ ଶେଷ ହୋଇ ଥିଲା । ସନ୍ଧ୍ୟାରେ ପୁରୀ ପୌରସଦନ ଠାରେ ଏକ ସୋତନ୍ତ୍ର ଉତ୍ସବ ପାଳିତ ହୋଇଥିଲା ଏଥିରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ ତଥା ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଯୋଗ ଦେଇ ପୁରୀ ସମୁଦ୍ର କୂଳରେ କେହି ଯେପରି ନିଜର ଜୀବନ ଜୀବିକା ନ ହରେଇବେ ସେଥିପାଇଁ ଦୃଷ୍ଟି ଦେଇ ପୁରୀ ବେଳାଭୂମିର ଉନ୍ନତି କରଣ କରାଯିବ ବୋଲି କହି ଥିଲେ ଏହା ସହିତ ଫଟୋ ଗ୍ରାଫର ମାନଙ୍କ ପାଇଁ ଯେମିତି ଖୁବ୍ ପରିଚୟ ପତ୍ର ପ୍ରଦାନ କରାଯିବ ଆଗାମୀ ସାତ ଦିନ ଭିତରେ ଏଥି ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।ଅନ୍ୟ ତମ ସମ୍ମାନିତ ଅତିଥି ଭାବରେ ମାନ୍ୟବର ସାଂସଦ ପୁରୀ ସମ୍ବିତ୍ ପାତ୍ର,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇ ଫଟୋଗ୍ରାଫି ଓ ପର୍ଯ୍ୟଟନ ଅଙ୍ଗା ଅଙ୍ଗି ଭାବରେ ଜଡ଼ିତ ଓ ପୁରୀ ବିଚ୍ ଫଟୋଗ୍ରାଫର ମହସଂଘ୍ ଏକ ଶୃଙ୍ଖଲଳିତ ସଂଘ ବୋଲି କହିଥିଲେ । ଅନ୍ୟ ତମ ଅତିଥି ଭାବରେ ଯୋଗ ଦେଇ ପୁରୀ ବିଚ୍ ଫଟୋ ଗ୍ରାଫର ମହାସଂଘ ପରାମର୍ଶ ଦାତା ସିଦ୍ଧାର୍ଥ ରାୟ ଓ ଆଡଭୋକେଟ୍ ଶ୍ରୀକାନ୍ତ ପରିଜା ମହାସଂଘ୍ର ବିଭିନ୍ନ ଦାବି ସମ୍ପର୍କରେ ସୂଚନା ଦେଇ ଥିଲେ । ସୋତନ୍ତ୍ର ଅତିଥି ଭାବରେ ଓଡ଼ିଶା ଫଟୋ ଗ୍ରାଫର ସଂଘର ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି ଓ ଉପ ସଭାପତି ଦେବେନ୍ଦ୍ର କୁମାର ନନ୍ଦ ,ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ, ଦିଗଦର୍ଶନ ପଟ୍ଟନାୟକ, ଉମାକାନ୍ତ ନାୟକ , ସମ୍ବିତ୍ ରାୟ ପ୍ରଭୃତି ମଂଚାସିନ ଥିଲେ । ଅନୁଷ୍ଠାନ ସଭାପତି ରଞ୍ଜନ କୁମାର ଦାସ ସ୍ୱାଗତ ଭାଷଣ ଦେଇ ଥିବା ବେଳେ ମହାସଂଘ ସମ୍ପାଦକ ଶିଙ୍ଗିଲି ଶିବା ବାର୍ଷିକ ବିବରଣୀ ପାଠ କରିଥିଲେ ।ଏହି ଅବସରରେ ଆଗାମୀ ଦିନରେ ରାଜଧାନୀରେ ହେବାକୁ ଥିବା ଫଟୋ ଫେୟାର ର ପୋଷ୍ଟର କୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ଶେଷରେ ବିଭିନ୍ନ ଅନୁଷ୍ଠାନ ତରଫରୁ ସାଂସ୍କୃତିକ ବିଚିତ୍ରା ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ କୁ ଅନୁଷ୍ଠାନ କୋଷାଧକ୍ଷ ମାର୍କଣ୍ଡ ମିଶ୍ର ,ଉପସଭାପତି ଶ୍ରୀଧର ପଣ୍ଡା,ସହ ସମ୍ପାଦକ ବି ଲୋକନାଥ ବେହେରା କୋଷାଧକ୍ଷ ପ୍ରଭାତ ସେଠି, କାର୍ଯ୍ୟ ନିରୀକ୍ଷକ ଜି ମୋହନ ପ୍ରଭୃତି ପରିଚାଳନା କରିଥିଲେ ।

# ବିଶ୍ରା ବ୍ଲକ ପରିସର ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ




ରାଉରକେଲା : ବିଶ୍ରା ବ୍ଲକ କାର୍ଯ୍ୟାଳୟ ପରିସର ସ୍ଥିତ ପଂଚାୟତ ସମିତି ସଭାକକ୍ଷ ରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ରାଉରକେଲା ଆରକ୍ଷୀ ଅଧିକ୍ଷକ ନୀତେଶ ୱାଧୱାନୀ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ମୋଟ ୬୬ ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା ସେଥି ମଧ୍ୟରୁ । ୩୬ ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨୪ ଟି ସାମୁହିକ ଅଭିଯୋଗ ରହିଥିଲା । ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ୪ ଜଣ ବ୍ୟକ୍ତି ଓ ରେଡକ୍ରସ ସହାୟତା ପାଇଁ ୨ ଜଣ ଆବେଦନ କରିଥିଲେ । ଏଥି ମଧ୍ୟରୁ ୬ ଗୋଟି ଅଭିଯୋଗ ର ତତ୍ କ୍ଷଣାତ ସମାଧାନ କରାଯାଇଥିଲା । ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା । ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ରେ ଡିଏଫଓ ରବିକାନ୍ତ ମୀନାଙ୍କ ସହିତ ବିଶ୍ର ଗୋଷ୍ଠି ଉନ୍ନୟନ ଅଧିକାରୀ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଏମ୍.ସି.ଏଲ୍ ପକ୍ଷରୁ ଆକାଂକ୍ଷୀ ଜିଲ୍ଲା ରାୟଗଡ଼ାରେ ଗ୍ରାମୀଣ ସଂଯୋଗୀକରଣର ବିକାଶ ପାଇଁ ୧୦.୨୯ କୋଟିର ଆର୍ଥିକ ସହାୟତା ପ୍ରଦାନ

ସମ୍ବଲପୁର: ସମାବେଶୀ ବିକାଶ ଏବଂ ଭିତିଭୂମି-ଭିତିକ ଗ୍ରାମୀଣ ପ୍ରଗତି ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ମୁନିଗୁଡ଼ା ବ୍ଲକରେ ଗ୍ରାମୀଣ ସଡ଼କ ନିର୍ମାଣ ପାଇଁ ରାୟଗଡ଼ା ଜିଲ୍ଲା ପ୍ରଶାସନ ସହିତ ଏକ ବୁଝାମଣା ପତ୍ର (MoU) ସ୍ୱାକ୍ଷର କରିଛି । ସି.ଏସ.ଆର (CSR) ପଦକ୍ଷେପ ଅଧୀନରେ ଏମ୍.ସି.ଏଲ୍, ମୁନିଗୁଡ଼ା ବ୍ଲକର ବିଭିନ୍ନ ଗ୍ରାମରେ ୧୦.୩ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଆଠଟି ଗ୍ରାମୀଣ ସଡ଼କ, ୨୪ଟି ପୋଲ ଏବଂ ୨,୯୮୦ ମିଟର ଦୀର୍ଘ ରାସ୍ତାକଡ଼ ନାଳ (ଡ୍ରେନେଜ୍) ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନକୁ ୧୦.୨୯ କୋଟି ଟଙ୍କା ପ୍ରଦାନ କରିବ । ଏହି ପ୍ରକଳ୍ପ ଆକାଂକ୍ଷୀ ଜିଲ୍ଲା ବିକାଶ ଯୋଜନାର ଏକ ଅଂଶବିଶେଷ ଏବଂ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲ୍ଲାର ସୁଦୂର ଆଦିବାସୀ ଅଂଚଳଗୁଡ଼ିକରେ ଗ୍ରାମୀଣ ସଂଯୋଗୀକରଣକୁ ସୁଦୃଢ଼ କରିବା । ପାହାଡ଼ିଆ ଓ ଦୁର୍ଗମ ଅଂଚଳରେ ଅବସ୍ଥିତ ଏହି ଗ୍ରାମଗୁଡ଼ିକରେ ବିଶେଷ ଭାବେ ଅସୁରକ୍ଷିତ ଜନଜାତି ସମୂହ (PVTG)ର ସମ୍ପ୍ରଦାୟ ସମେତ ପ୍ରାୟ ୩,୦୦୦ ରୁ ଅଧିକ ଲୋକ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ । ଏହାଦ୍ୱାରା




ବିଦ୍ୟାଳୟ, ସ୍ୱାସ୍ଥ୍ୟସେବା କେନ୍ଦ୍ର, ବଜାର, ଅତ୍ୟାବଶ୍ୟକ ସେବା ଏବଂ ସରକାରୀ ସୁବିଧା ପାଇବା ପାଇଁ ଗମନାଗମନ ବ୍ୟବସ୍ଥାରେ ସୁଧାର ଆସିବ । ଏହି ଉନ୍ନତ ସଡ଼କ ଭିତିଭୂମି ସାମାଜିକ-ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ସହ ଆଂଚଳିକ ଗତିଶୀଳତା ବୃଦ୍ଧି କରିବ ଏବଂ ସ୍ଥାନୀୟ ଜନ ସାଧାରଣ ଙ୍କ ଜୀବନଶୈଳୀରେ ସୁଧାର ଆଣି ପ୍ରତ୍ୟେକ ଋତୁରେ ନିରାପଦ ଓ ସୁଗମ ଯାତାୟାତ ସୁନିଶ୍ଚିତ କରିବ । ଏମ୍.ସି.ଏଲର ମହାପ୍ରବନ୍ଧକ ଶ୍ରୀ ଜ୍ୟୋତିର୍ମୟ ସିହ୍ନା ଏବଂ ରାୟଗଡ଼ାର ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣି (ଭା.ପ୍ର.ସେ) ଗତ ବୁଧବାର ଦିନ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ଏହିପରି ଜନକଲ୍ୟାଣକାରୀ ପଦକ୍ଷେପ ମାଧ୍ୟମରେ ଏମ୍.ସି.ଏଲ୍ ସମଗ୍ର ଓଡ଼ିଶାରେ ସ୍ଥାୟୀ ସାମୁଦାୟିକ ଭିତିଭୂମି ଏବଂ ସମାବେଶୀ ବିକାଶ କ୍ଷେତ୍ରରେ ନିରନ୍ତର ଯୋଗଦାନ ଦେଇଆସୁଛି । ଦୀର୍ଘସ୍ଥାୟୀ ସାର୍ବଜନୀନ ସମ୍ପତି ସୃଷ୍ଟି କରିବା, ଭୌଗୋଳିକ ଦୃଷ୍ଟିରୁ ଦୁର୍ଗମ ଅଂଚଳରେ ସଂଯୋଗୀକରଣ ବୃଦ୍ଧି କରିବା ଏବଂ ଅସୁରକ୍ଷିତ ଜନଜାତି ସମ୍ପ୍ରଦାୟର ଦୀର୍ଘକାଳୀନ ସାମାଜିକ-ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ପ୍ରତି କମ୍ପାନୀର ନିରନ୍ତର ପ୍ରତିବଦ୍ଧତାକୁ ଏହି ପ୍ରକଳ୍ପ ପ୍ରତିଫଳିତ କରେ ।

## କିଟ୍ ଓ କିସ୍‌ରେ ସ୍ୱାଧୀନତା ଦିବସ ପାଳିତ



ଭୁବନେଶ୍ୱର: କିଟ୍, କିସ୍, କିମ୍‌ସ, କିଟ୍ ପବ୍ଲିକ୍ ସ୍କୁଲ୍ ଓ କିଟ୍ ଇଂଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ୮୦ତମ ସ୍ୱାଧୀନତା ଦିବସ ଶନିବାର ମହାସମାରୋହରେ ପାଳିତ ହୋଇଯାଇଛି । କିସ୍ ପରିସରରେ ଆୟୋଜିତ ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ ବିଶିଷ୍ଟ କନ୍ନଡ ସାମ୍ବାଦିକ ତଥା କନ୍ନଡ ଦୈନିକ ବିଶ୍ୱବାଣୀର ମୁଖ୍ୟ ସଂପାଦକ ବିଶ୍ୱେଶ୍ୱର ଭଟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତୋଳନ କରିବା ସହ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ । ସେ କହିଲେ, ଏବେ ଆମକୁ ଦାରିଦ୍ର୍ୟ, ନିରକ୍ଷରତାରୁ ମୁକ୍ତି ଏବଂ ଶିକ୍ଷା ମାଧ୍ୟମରେ ସ୍ୱାଧୀନତା ହାସଲ କରିବାକୁ ହେବ । ପ୍ରତିଷ୍ଠାତା ଅଚ୍ୟୁତ ସମନ୍ତଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରି ସେ କହିଲେ, ମୁଁ ସବୁବେଳେ ଅଚ୍ୟୁତ ସାମନ୍ତଙ୍କୁ ତାଙ୍କର ମହାନ ନିଷ୍ଠା ଓ ପ୍ରେରଣା ପାଇଁ ସ୍ମରଣ କରେ । ସେ ଆଗାମୀ ପିଢ଼ି ପରେ ପିଢ଼ିକୁ ପ୍ରେରଣା ଦେଇ ଆସୁଛନ୍ତି । ତୁମମାନଙ୍କ ଭବିଷ୍ୟତ ଏବେ ସବୁଠାରୁ ସୁରକ୍ଷିତ ହାତରେ ଏବଂ ସର୍ବୋତମ ଯତ୍ନରେ ରହିଛି ବୋଲି ସେ କହିଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ କହିଲେ, ତୁମମାନଙ୍କ ଉନ୍ନତି ହେଲେ ଦେଶର ଉନ୍ନତି ହେବ । ଯେପର୍ଯ୍ୟନ୍ତ ତୁମର ଉନ୍ନତି ନ ହୋଇଛି ସେପର୍ଯ୍ୟନ୍ତ ଆମକୁ ଖୁସି କି ଆନ୍ଦନ ମିଳିବ ନାହିଁ । ବିକଶିତ ଭାରତରେ ତୁମମାନଙ୍କ ଯୋଗଦାନ ରହିବ । ଦୀର୍ଘ ୩୫ ବର୍ଷ ହେଲା କିସ୍ ଅତି ସୁନ୍ଦର ଭାବେ ଚାଲୁଛି । ଏହାକୁ ଆହୁରି ସୁନ୍ଦର କରାଯିବ । ଅନ୍ୟମାନଙ୍କ ମଧ୍ୟରେ କିସ ସଂପାଦକ ଆର ଏନ ଦାଶ, କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ ଡି, କୁଳସଚିବ ଜ୍ଞାନ ରଞ୍ଜନ ମହାନ୍ତି, ବରିଷ୍ଠ ମହାନିର୍ଦ୍ଦେଶକ ଡଃ. ଦେବାଶିଷ ବନ୍ଦୋପାଧ୍ୟାୟ କିସ ବିଶ୍ୱବିଦ୍ୟାଳୟ କୁଳସଚିବ ଡଃ. ପ୍ରଶାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । କିଟ୍ ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ଶରଣଜିତ ସିଂହ ପତାକା ଉତୋଳନ କରିଥିବା ବେଳେ କିମସରେ ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିଟ ଇଂଟରନ୍ୟାସନାଲ ସ୍କୁଲରେ ଅଧ୍ୟକ୍ଷ ଡଃ. ସଞ୍ଜୟ ସୁଆର, କିଟ୍ ପବ୍ଲିକ ସ୍କୁଲରେ ସ୍କୁଲର ଅଧ୍ୟକ୍ଷ ଦିଲୀପ କୁମାର ତ୍ରିପାଠୀ ପ୍ରମୁଖ ପତାକା ଉତୋଳନ କରିଥିଲେ । କିସରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପାରେଡ ଓ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା ।

## ପର୍ଯ୍ୟଟକଙ୍କୁ ଆତିଥ୍ୟତା କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିବ ହୋଟେଲ ଗ୍ଲୋବାଲ ଇନ୍



**କେନ୍ଦୁଝରରୁ ଜିଲ୍ଲା ପ୍ରତିନିଧି ରିତା ମିଶ୍ରଙ୍କ ରିପୋର୍ଟ:** ମା' ତାରିଣୀ ପୀଠ ଘଟଗାଁରେ ଆଧୁନିକ ଆତିଥ୍ୟ ସେବାର ଏକ ନୂଆ ଅଧ୍ୟାୟ ଶୁଭାରମ୍ଭ ହୋଇଛି । ଆଧୁନିକ ସୁବିଧା, ଆରାମଦାୟକ ରହଣି ଏବଂ ଉତ୍କୃଷ୍ଟ ଆତିଥ୍ୟ ସେବା ପ୍ରଦାନ ଲକ୍ଷ୍ୟ ନେଇ ହୋଟେଲ ଗ୍ଲୋବାଲ ଇନ୍ ଉଦ୍‌ଘାଟିତ ଅନୁଷ୍ଠିତ ହୋଇଛି । ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ବିଜେପି ରାଜ୍ୟ ସମ୍ପାଦିକା ମମତା ସିଂ, ହୋଟେଲ ଗ୍ଲୋବାଲ ଇନ୍ ମାଲିକ ସେକ ଇମ୍ରାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉଦ୍‌ଘାଟନ ଉତ୍ସବରେ ଯୋଗଦେଇ ହୋଟେଲର ଆଧୁନିକ ଭିତିଭୂମି, ସୁବିଧା ଏବଂ କେନ୍ଦୁଝରର ପର୍ଯ୍ୟଟନ ବିକାଶରେ ଏହାର ସମ୍ଭାବ୍ୟ ଅବଦାନକୁ ପ୍ରଶଂସା କରିଥିଲେ । ପର୍ଯ୍ୟଟନ ସମ୍ଭାବନାରେ ସମୃଦ୍ଧ କେନ୍ଦୁଝର ଅଂଚଳରେ ଅବସ୍ଥିତ ଏହି ହୋଟେଲ ଦେଶ-ବିଦେଶର ପର୍ଯ୍ୟଟକ, କର୍ପୋରେଟ୍ ଯାତ୍ରୀ, ପରିବାର ଏବଂ ବ୍ୟବସାୟିକ ଅତିଥି ମାନଙ୍କ ପାଇଁ ଏକ ସୁବିଧାଜନକ ରହଣିସ୍ଥଳ ଭାବେ କାର୍ଯ୍ୟ କରିବ । ଏଠାରୁ ମା' ତାରିଣୀ ମନ୍ଦିର, ଗୁଣ୍ଡିଚାଘାଗୀ ଜଳପ୍ରପାତ, ସୁଦୃଶ୍ୟ ପ୍ରାକୃତିକ ଜଙ୍ଗଲ ଏବଂ କେନ୍ଦୁଝରର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ସହଜରେ ପରିଦର୍ଶନ କରାଯାଇ ପାରିବ । ହୋଟେଲରେ ଆଧୁନିକ ଓ ସୁସଜ୍ଜିତ କୋଠରୀ, ମଲ୍‌ଟି କୁଇଜିନ୍ ଡାଇନିଂ ସୁବିଧା, କନ୍‌ଫରେନ୍ସ ଓ ଇଭେଂଟ ସ୍ପେସ୍ ଏବଂ ରୁଫଟପ୍ ସୁଇମିଂ ପୁଲ୍ ଭଳି ଆକର୍ଷଣୀୟ ସୁବିଧା ସହ କର୍ପୋରେଟ୍ ମିଟିଂ, ସାମାଜିକ କାର୍ଯ୍ୟକ୍ରମ, ଗ୍ରୁପ୍ ଟ୍ରାଭେଲ୍ ଏବଂ ଇଭେଂଟ ପାଇଁ ମଧ୍ୟ ହୋଟେଲରେ ବିଶେଷ ସୁବିଧା ଉପଲବ୍ଧ ରହିଛି । ଏହି ହୋଟେଲ ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କ ପାଇଁ ନୂତନ ରୋଜଗାର ସୁଯୋଗ ସୃଷ୍ଟି କରିବା ସହିତ ସ୍ଥାନୀୟ ଯୋଗାଣକାରୀ, ପରିବହନ ସେବା ପ୍ରଦାନକାରୀ, ଖାଦ୍ୟ ଉତ୍ପାଦକ ଏବଂ ପର୍ଯ୍ୟଟନ ସହିତ ଜଡିତ ବିଭିନ୍ନ ବ୍ୟବସାୟ ପାଇଁ ନୂଆ ସୁଯୋଗ ସୃଷ୍ଟି କରିଛି । ହୋଟେଲ ପରିଚାଳନା ପକ୍ଷରୁ କୁହାଯାଇଛି ଯେ, ଟ୍ରାଭେଲ୍ ଏଜେନ୍ସି, କର୍ପୋରେଟ୍ ସଂସ୍ଥା, ପର୍ଯ୍ୟଟନ ସହଯୋଗୀ ଏବଂ ସ୍ଥାନୀୟ ସମୁଦାୟ ସହିତ ମିଳିତ ଭାବେ କେନ୍ଦୁଝରକୁ ଅବକାଶ ଯାତ୍ରା, ତୀର୍ଥଯାତ୍ରା, ପ୍ରକୃତି ପର୍ଯ୍ୟଟନ, ଗ୍ରୁପ୍ ଟ୍ରାଭେଲ୍, କର୍ପୋରେଟ୍ ଟ୍ରାଭେଲ୍ ଏବଂ ବ୍ୟବସାୟିକ କାର୍ଯ୍ୟକ୍ରମର ଏକ ଆକର୍ଷଣୀୟ ଗନ୍ତବ୍ୟସ୍ଥଳୀ ଭାବେ ସେବା ଯୋଗାଇବ । ଏହି ଅବସରରେ ହୋଟେଲ ପରିଚାଳନା ପକ୍ଷରୁ କୁହାଯାଇଛି ଯେ, ଘଟଗାଁରେ ଆଧୁନିକ ଆତିଥ୍ୟ ସେବା ପହଂଚାଇବା ସହିତ କେନ୍ଦୁଝରର ପ୍ରାକୃତିକ ସୌନ୍ଦର୍ଯ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ସମ୍ଭାବନାକୁ ଦେଶ ତଥା ଦେଶ ବାହାରେ ପରିଚିତ କରାଇବା ଆମର ମୂଳ ଲକ୍ଷ୍ୟ । ହୋଟେଲ ଗ୍ଲୋବାଲ ଇନ୍ ଅତିଥିମାନଙ୍କୁ ସ୍ମରଣୀୟ ଅନୁଭୂତି ପ୍ରଦାନ କରିବା ସହିତ ସ୍ଥାନୀୟ ରୋଜଗାର, ପର୍ଯ୍ୟଟନ ଏବଂ ଆର୍ଥିକ ବିକାଶରେ ସକାରାତ୍ମକ ଅବଦାନ ରଖିବାକୁ ପ୍ରତିଶ୍ରୁତିବଦ୍ଧ । ଆଧୁନିକ ସୁବିଧା, ରଣନୀତିକ ଅବସ୍ଥିତି ଏବଂ ଉତ୍କୃଷ୍ଟ ଅତିଥି ସେବାକୁ ପ୍ରାଥମିକତା ଦେଇ ହୋଟେଲ ଗ୍ଲୋବାଲ ଇନ୍ ଘଟଗାଁର ଏକ ପ୍ରମୁଖ ରହଣି ଓ ଇଭେଂଟ ଡେଷ୍ଟିନେସନ୍ ଭାବେ ଏବଂ କେନ୍ଦୁଝରର ବିକଶିତ ପର୍ଯ୍ୟଟନ କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ ।

# ବିକଶିତ ଓଡ଼ିଶା ଓ ବିକଶିତ ଭାରତ ସ୍ୱପ୍ନ ସାକାର ହେବାକୁ ଯାଉଛି : ମନ୍ତ୍ରୀ



**କେନ୍ଦୁଝରରୁ ଜିଲ୍ଲା ପ୍ରତିନିଧି ରିତା ମିଶ୍ରଙ୍କ ରିପୋର୍ଟ:** ଷ୍ଟାଡିୟମ ପଡ଼ିଆରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ପ୍ରବଳ ବର୍ଷା ସତ୍ୱେ ଦେଶପ୍ରେମର ଆଗ୍ନେୟ ଉତ୍ସାହ ମଧ୍ୟରେ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ ମୁଖ୍ୟଅତିଥି ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ମହାପାତ୍ର ଜାତୀୟ ପତାକା ଉତୋଳନ କରି ନିଜ ଅଭିଭାଷଣରେ ମାଟିର ବୀରପୁତ୍ରମାନଙ୍କ ଅମର ଗାଥା ସ୍ମରଣ କରିଥିଲେ । ୧୯୯୯ 'ଅପରେସନ୍ ବିଜୟ'ର ଅମର ଶହୀଦ ଚମ୍ପୁଆ ଉପଖଣ୍ଡର ମାତ୍ର ୨୫ବର୍ଷୀୟ ବୀର ସୈନିକ କାର୍ଗିଲ ଯୁଦ୍ଧର ସବୁଠାରୁ ଦୁର୍ଗମ 'ପଏଂଟ ୪୮୭୫'ରେ ମାତୃଭୂମି ପାଇଁ ଦେଇଥିବା ଆତ୍ମବଳିଦାନକୁ ସେ ଶ୍ରଦ୍ଧାର ସହ ମନେ ପକାଇଥିଲେ । ଗତ ଜୁଲାଇ ୨୮ରେ ଜିଲ୍ଲାରେ ବନ୍ୟା ଉଦ୍ଧାର କାର୍ଯ୍ୟ ସମୟରେ ଅନ୍ୟର ଜୀବନ ବଂଚାଇବାକୁ ଯାଇ ମାତ୍ର ୨୬ବର୍ଷ ବୟସରେ ସହିଦ ହୋଇଥିବା ଅଗ୍ନିଶମ ଯୋଦ୍ଧା ଚନ୍ଦନ ପଟ୍ଟନାୟକଙ୍କ ଅତୁଳନୀୟ ସାହସକୁ ମନ୍ତ୍ରୀ ଭାବବିହ୍ୱଳ ହୋଇ ପ୍ରଣାମ ଜଣାଇଥିଲେ । ପ୍ରଗତିର ଏକ ନୂଆ ପ୍ରଭାତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସେବା ଓ ବଳିଷ୍ଠ ନେତୃତ୍ୱରେ 'ବିକଶିତ ଓଡ଼ିଶା ୨୦୩୬' ଓ 'ବିକଶିତ ଭାରତ ୨୦୪୭'ର ସ୍ୱପ୍ନ ଆଜି ସାକାର ହେବାକୁ ଯାଉଛି ବୋଲି କହିଥିଲେ । ଏହି ଉପଲକ୍ଷେ ଆୟୋଜିତ ଆନୁଷ୍ଠାନିକ ପ୍ୟାରେଡ୍ ସଶସ୍ତ୍ର ରିଜର୍ଭ ପୋଲିସ୍ ବାହିନୀ, ହୋମଗାର୍ଡ୍‌ସ୍ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ଏନ୍‌ସିସି, ସ୍କାଉଟ୍, ଗାଇଡ୍, ରେଡ଼କ୍ରସ, ସିଭିଲିଆନ୍ ଦଳ ମାର୍ଚ୍ଚପାଷ୍ଟ୍ କରି ଅଭିବାଦନ ଜଣାଇଥିଲେ । ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ପ୍ରଦୀପ କୁମାର ଜେନା ଆନୁଷ୍ଠାନିକ ପରେଡ୍ ପରିଚାଳନା କରିଥିଲେ । କେନ୍ଦୁଝର ନଗରପାଳ ନିକୁ ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଓ ରବୀନ୍ଦ୍ର ପ୍ରଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ଶିକ୍ଷାବିତ୍, ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ଥିଲେ । କେନ୍ଦୁଝର ଜିଲ୍ଲାର ଶ୍ରେଷ୍ଠ ଜୁଆଙ୍ଗ ମାଟ୍ରିକ୍ୟୁଲେଟ ଭାବେ ସୁଶ୍ରୀ ପାର୍ବତୀ ଜୁଆଙ୍ଗ, ଚୌଧୁରୀ ଜୁଆଙ୍ଗ, ଶ୍ରେଷ୍ଠ ମାଟ୍ରିକ୍ୟୁଲେଟ ଭାବେ ବାଳିକା ମଧୁସ୍ମିତା ମାଝୀ, ଶ୍ରେଷ୍ଠ ବାଳକ ମାଟ୍ରିକ୍ୟୁଲେଟ କ୍ଷିତୀଶ କୁମାର ମହାନ୍ତ ଏବଂ ଶ୍ରେଷ୍ଠ ଏସ୍.ଟି ମାଟ୍ରିକ୍ୟୁଲେଟ ଭାବେ ମଧୁସ୍ମିତା ମାଝୀ, ଶ୍ରେଷ୍ଠ ଏସ୍.ସି. ମାଟ୍ରିକ୍ୟୁଲେଟ ଭାବେ ସୁଶ୍ରୀ ଜିଏସ ପ୍ରୀତିପ୍ରଜ୍ଞା ପଣ୍ଡିତ, ଶ୍ରେଷ୍ଠ ସିବିଏସ୍‌ଇ ମାଟ୍ରିକ୍ୟୁଲେଟ ଭାବେ ଜ୍ୟୋତିର୍ଦିତ୍ୟ ଜେନା, ଶ୍ରେଷ୍ଠ ଆଇସିଏସ୍‌ଇ. ମାଟ୍ରିକ୍ୟୁଲେଟ ଆଶୁତୋଷ ପାତ୍ର, ଶ୍ରେଷ୍ଠ +୨ କଳା ଛାତ୍ରୀ ଭାବେ ସୁଶ୍ରୀ ପ୍ରିୟଙ୍କାରାଣୀ ମହାନ୍ତ, ଶ୍ରେଷ୍ଠ +୨ ବିଜ୍ଞାନ ଛାତ୍ରୀ ଭାବେ ପ୍ରୀତି ପ୍ରିୟଦର୍ଶିନୀ କବି, ଶ୍ରେଷ୍ଠ +୨ ବାଣିଜ୍ୟ ଛାତ୍ରୀ ଭାବେ ଇପ୍ସିତା ଦ୍ୱିବେଦୀ, ଆଦର୍ଶ ସେବକ ଭାବେ ରାଇସୁଆଁ ଆଶ୍ରମ ବିଦ୍ୟାଳୟ, ତେଲକୋଇର ସେବକ ଜଗବନ୍ଧୁ ନାଏକ, ଆଦର୍ଶ ସେବିକା ଭାବେ ବାୟାପଣ୍ଡାଧର ଆଶ୍ରମ ବିଦ୍ୟାଳୟ ବାଂଶପାଳ ସେବିକା ସଂଯୋତି ମଙ୍ଗଳେଶ୍ୱରୀ ମହଲା, ଆଦର୍ଶ ଅଙ୍ଗନୱାଡିକର୍ମୀ ଭାବେ ଆନନ୍ଦପୁର ବ୍ଲକ, ମଇଦାନକେଲ ଚକ-ଡି ଅଙ୍ଗନୱାଡି କେନ୍ଦ୍ରର ଜୟନ୍ତୀ ଦାସ, ଆଦର୍ଶ ମହିଳା ସ୍ୱାସ୍ଥ୍ୟକର୍ମୀ ଭାବେ ରରୁଆଁଗୋଡ଼ା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭଣ୍ଡାର ସାବିତ୍ରୀ ମହାନ୍ତ, ଆଦର୍ଶ ସ୍ୱୟଂ ସହାୟକ ଗୋଷ୍ଠୀ ଭାବେ ସଦର ବ୍ଲକ ମା'ଲକ୍ଷ୍ମୀପ୍ରିୟା ସ୍ୱୟଂ ସହାୟକ ଗୋଷ୍ଠୀ, ଆଦର୍ଶ ଉଦ୍ୟାନ କୃଷକ ଜନାର୍ଦ୍ଦନ ଗିରି, ବୃକ୍ଷରୋପଣ କ୍ଷେତ୍ରରେ ଆଦର୍ଶ ବିଦ୍ୟାଳୟ ଭାବେ ଚମ୍ପୁଆ ବ୍ଲକ ଫୁଲକଅଁଳେଇ ନୋଡାଲ୍ ହାଇସ୍କୁଲ, ଶ୍ରେଷ୍ଠ ଖେଳାଳୀ ଭାବେ ହ୍ୟାଣ୍ଡବଲ ଖେଳାଳୀ ରାଜାରାମ ପଣ୍ଡା ଏବଂ ଏସୀୟ ସୁଟିଂରେ ରୌପ୍ୟ ପଦକ ଜିତିଥିବା ମାନ୍ୟତା ସିଂହ, ଆଦର୍ଶ ସରକାରୀ ଡ୍ରାଇଭର ଭାବେ ନିରଞ୍ଜନ ଷଡ଼ଙ୍ଗୀ, ଶ୍ରେଷ୍ଠ ପୌରପାଳିକା ଭାବେ ବଡବିଲ ପୌରପାଳିକା, ସ୍ୱେଚ୍ଛାକୃତ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଭାରତୀୟ ଜନତା ପାର୍ଟି (୫୩୨ ୟୁନିଟ ), ଶ୍ରେଷ୍ଠ ଗ୍ରାମ ପଂଚାୟତ ଭାବେ କଣ୍ଡରାପଶି ଗ୍ରାମ ପଂଚାୟତକୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମିଳିତ ଆନୁଷ୍ଠାନିକ ପ୍ୟାରେଡରେ ଚିତାକର୍ଷକ ପରେଡ ପାଇଁ ଏନ୍.ସି.ସି./ ସ୍କାଉଟ୍/ ଗାଇଡ୍/ ରେଡ୍‌କ୍ରସ ବର୍ଗରେ ଏନ୍.ସି.ସି. ଡ଼ିଡ଼ି, କଲେଜ କେନ୍ଦୁଝର, ସିଭିଲିଆନ୍ ଜୁନିୟର୍ ବର୍ଗରେ ରବୀନ୍ଦ୍ର ବିଦ୍ୟା ନିକେତନ (ବାଳକ ଦଳ) ଏବଂ ସିଭିଲିଆନ୍ ସିନିୟର୍ ବର୍ଗରେ ରବୀନ୍ଦ୍ର ବିଦ୍ୟା ନିକେତନ (ବାଳିକା ଦଳ)କୁ ମୁଖ୍ୟ ଅତିଥି ସିଲଡ୍ ପ୍ରଦାନ କରିଥିଲେ । ପ୍ରତ୍ୟୁଷରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ସହରରେ ରାମଧୂନ ପ୍ରଚାର କରାଯାଇଥିଲା । ସନ୍ଧ୍ୟାରେ କେନ୍ଦୁଝର ଅଡିଟୋରିୟମ୍ ଠାରେ ବିଭିନ୍ନ ପ୍ରତିଯୋଗିତାର କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ


ଗଛ ଲଗାନ୍ତୁ
ତାର ଯତ୍ନ ନିଅନ୍ତୁ

## ଶ୍ରୀ ଗୁରୁକୁଳରେ ୮୦ତମ ସ୍ୱାଧୀନତା ଦିବସ ପାଳିତ



ସେବାଫାଉଣ୍ଡେସନ୍ ଆନୁକୂଲ୍ୟରେ ମ୍ୟାନେଜିଂ ଟ୍ରଷ୍ଟୀ ସରୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଶ୍ରୀ ଗୁରୁକୁଳରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମାନ୍ୟବର ସାଂସଦ ଅନନ୍ତ ନାୟକ ମୁଖ୍ୟ ଅତିଥି ,କମଳ ଲୋଚନ ବିଶ୍ୱାଳ,ଦିଲୀପ କୁମାର ସାହୁ, ହେମନ୍ତ କୁମାର ବେହେରା , ହରିହର ବାରିକ,ଭରତ ଚନ୍ଦ୍ର ବେହେରା, ନରେଶ ପରିଡ଼ା, ନିରାକାର ସାହୁ ,ସମ୍ମାନିତ ଅତିଥି , ସୁଶାନ୍ତ ଶେଖର ଦାଶ, ରୁଦ୍ର ନାରାୟଣ ପାଣି ବେଦ ଶିକ୍ଷକ ଉପସ୍ଥିତ ରହି ପତାକା ଉତୋଳନରେ ଅଂଶ ଗ୍ରହଣ କରିଥିଲେ । ଉକ୍ତ ଦିବସରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ମଡ଼େଲ ସ୍କୁଲ ,+୨ ବିଜ୍ଞାନ , ସ୍ପେଶାଲ ସ୍କୁଲ , ବି,ଏଡ଼ କଲେଜ ,ବୃତି ଏକ ସ୍ୱାଭିମାନୀ ସେବାର ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।ଅତିଥି ମାନଙ୍କର ଦେଶ ଭକ୍ତିର ବାର୍ତା ସମସ୍ତଙ୍କୁ ଉତ୍ସାହିତ କରିଥିଲା । ପ୍ୟାରେଡ୍ ଭାଷଣ , ତଥା ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ଉତ୍ସବଟି ଚିତା କର୍ଷଣ ଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ର ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ସେବା ଫାଉଣ୍ଡେସନ ତରଫରୁ ଅବିରତ କାର୍ଯ୍ୟ କରିଚାଲିଥିବା ଶିକ୍ଷକ , ଶିକ୍ଷୟିତ୍ରୀ ତଥା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଘଟଗାଁ ପ୍ୟାରେଡ୍ ପ୍ରତିଯୋଗିତାରେ ଶ୍ରୀ ଗୁରୁକୁଳ ମଡେଲ ସ୍କୁଲ ପ୍ରଥମ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଦ୍ୱିତୀୟ ପୁରସ୍କାର ଗ୍ରହଣ କରି ବିଦ୍ୟାଳୟର ସମ୍ମାନ ଅର୍ଜନ କରିଛନ୍ତି । ସେବା ଫାଉଣ୍ଡେସନର ଚେୟାରମ୍ୟାନ ଡଃ. ସତ୍ୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରିନ୍ସିପାଲ କିରଣବାଳା ସାହୁ , ସୁଦର୍ଶନ ତ୍ରିପାଠୀ , ଅଖିଳ ପ୍ରଧାନ , ଜୟଦେବ ବାରିକ୍,ମହେଶ୍ୱର ମହାନ୍ତ , ଧର୍ମେନ୍ଦ୍ର ପ୍ରଧାନ , ରାମକୃଷ୍ଣ ଗିରି , ଆଦିତ୍ୟ ନାରାୟଣ ବେହେରା , ବିକାଶ ରଞ୍ଜନ ନାଏକ , ଜ୍ୟୋତିର୍ମୟୀ ରଣା , ଶରତ ରାଉତ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସଦସ୍ୟ ସଦସ୍ୟାଙ୍କ ସହଯୋଗରେ କାର୍ଯ୍ୟକ୍ରମ ପାଳିତ ହୋଇଥିଲା । ଶିକ୍ଷକ ଧବଳେଶ୍ୱର ବେହେରା , ଅବିନାଶ ଜେନାଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

# ହିଣ୍ଡାଲକୋ ହୀରାକୁଦ ପକ୍ଷରୁ ରକ୍ତଦାନ ଶିବିର ୫୨ ୟୁନିଟ ସଂଗ୍ରହ




ହୀରାକୁଦ : ସମ୍ବଲପୁର ଜିଲ୍ଲାରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ହିଣ୍ଡାଲକୋ ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଓ 'ଆମ ଓଡ଼ିଶା'ର ମିଳିତ ଉଦ୍ୟମ ରେ ମଙ୍ଗଳବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ହିଣ୍ଡାଲକୋ ହୀରାକୁଦ ମୁଖ୍ୟ କଲୋନୀସ୍ଥିତ କମ୍ୟୁନିଟି ସେଂଟରଠାରେ ଆୟୋଜିତ ଏହି ଶିବିରରୁ ମୋଟ ୫୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିରକୁ ହିଣ୍ଡାଲକୋ ୟୁନିଟ୍ ମୁଖ୍ୟ ସୁମିତ ମୁଖାର୍ଜୀ, ସ୍ମେଲଟର ମୁଖ୍ୟ ପ୍ରତାପ ସାହୁ, ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ପ୍ରବୀଣ ଯାଦବ ଏବଂ ସମ୍ବାଦ ପ୍ରତିନିଧି ସୁରେନ୍ଦ୍ର କୁମାର ବିଶ୍ୱାଳ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନ ପରେ ୟୁନିଟ୍ ମୁଖ୍ୟ ଶ୍ରୀ ମୁଖାର୍ଜୀ ଓ ସ୍ମେଲଟର ମୁଖ୍ୟ ଶ୍ରୀ ସାହୁ ପ୍ରଥମେ ରକ୍ତଦାନ କରି ଅନ୍ୟମାନଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ । ରକ୍ତଦାତା ମାନଙ୍କୁ ଶୁଭେଚ୍ଛା ଜଣାଇ ଅତିଥି ମାନେ ସେମାନଙ୍କ ମହତ୍ କାର୍ଯ୍ୟ ର ପ୍ରଶଂସା କରିଥିଲେ । ରକ୍ତଦାନ ଭଳି ମାନବିକ କାର୍ଯ୍ୟ ଜରୁରୀ ସମୟରେ ଅନେକ ଜୀବନ ରକ୍ଷାରେ ସହାୟକ ହୋଇଥାଏ ବୋଲି ସେମାନେ କହିଥିଲେ । ଏହି ଅବସର ରେ ହିଣ୍ଡାଲକୋର ସିଏସ୍‌ଆର୍ ଉପଦେଷ୍ଟା ସୁକାନ୍ତ କୁମାର ମହାପାତ୍ର, ସିଏସ୍‌ଆର୍ ହେଡ୍ ଆନନ୍ଦ ଚକ୍ରବର୍ତ୍ତୀ, ମେଡିକାଲ ପରିଚାଳକ ସତ୍ୟ ପଣ୍ଡା, ଏଚ୍‌ଆର୍ ବିଭାଗୀୟ ମୁଖ୍ୟ ବିଷ୍ଣୁ ଶଶୀନ୍ଦ୍ରନ, ଆଇଆର୍ ବିଭାଗର ଉଦୟ ରାଉତ ଓ ଆଲୋକ ତ୍ରିପାଠୀ, ପ୍ରଶାସନ ଓ ନିରାପତା ବିଭାଗ ମୁଖ୍ୟ କର୍ନେଲ ମାର୍କ ଆର୍ଲାଣ୍ଡ, ପାୱାର ପ୍ଲାଂଟ ଆଇଆର୍ ମୁଖ୍ୟ ଦୁଷ୍ମନ୍ତ ଦୁସ୍କର, ନିରାପତା ବିଭାଗର ଶୁକଦେବ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି କସ୍ତୁରବା ମହିଳା ସମିତିର ଚିନ୍ମୟୀ ମହାନା, ମଧୁସ୍ମିତା ହୋତା, ମମତା ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟା ମାନେ ଶିବିର ରେ ଉପସ୍ଥିତ ରହି ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ର ସଫଳ ଆୟୋଜନ ରେ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର କର୍ମଚାରୀ ରାମେଶ୍ୱରୀ ଦାଶ ଓ ମିଲନ କୁମାର ସାହୁଙ୍କ ସମେତ ଅନ୍ୟ ମାନେ ସକ୍ରିୟ ଭୂମିକା ନେଇଥିଲେ । ଶିବିର ରେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ମାନେ ରକ୍ତ ସଂଗ୍ରହ ରେ ସହଯୋଗ କରିଥିଲେ । ଭିମସାର ବୁର୍ଲା ରକ୍ତ ବ୍ୟାଙ୍କର ଡାକ୍ତର ଓ କର୍ମଚାରୀ ମାନେ ମଧ୍ୟ ଶିବିରରେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ହିଣ୍ଡାଲକୋ ପକ୍ଷରୁ ଏଭଳି ମାନବିକ ଓ ସାମାଜିକ ଦାୟିତ୍ୱ ବୋଧର କାର୍ଯ୍ୟକ୍ରମ କୁ ଅଂଚଳବାସୀ ପ୍ରଶଂସା କରିଛନ୍ତି ।

# ଏମ୍‌ସିଏଲ୍ ପାଳନ କଲା ସଦ୍‌ଭାବନା ଓ ଦେଶପ୍ରେମର ସହ ୮୦ତମ ସ୍ୱାଧୀନତା ଦିବସ




ସମ୍ବଲପୁର: ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ପକ୍ଷରୁ ଅତ୍ୟନ୍ତ ଗର୍ବ, ଗୌରବ ଓ ଦେଶପ୍ରେମର ସହ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସମ୍ବଲପୁର ସ୍ଥିତ କମ୍ପାନୀର ମୁଖ୍ୟାଳୟରେ ଆୟୋଜିତ ଏହି ସମାରୋହରେ ଏମ୍‌ସିଏଲ୍‌ର ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଶ୍ରୀ ଉଦୟ ଅନନ୍ତ କାଓଲେ ଜାତୀୟ ପତାକା ଉତୋଳନ କରିବା ସହ ମାର୍ଚ୍ଚଫାଷ୍ଟ ପ୍ୟାରେଡ୍‌ର ସଲାମୀ ଗ୍ରହଣ କରିଥିଲେ । ଶ୍ରୀ କାଓଲେ ନିଜ ଅଭିଭାଷଣରେ ସଂଗ୍ରାମୀମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଦେଶର ଶକ୍ତି ସୁରକ୍ଷା କ୍ଷେତ୍ରରେ ଏମ୍‌ସିଏଲ୍‌ର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଏବଂ ସିଏସ୍‌ଆର ଓ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ଖନନ ଅଂଚଳର ସମୁଦାୟ ବିକାଶ ପାଇଁ ନିରନ୍ତର ପ୍ରଚେଷ୍ଟା ସମ୍ପର୍କରେ ଆଲୋକପାତ କରିଥିଲେ । ଗତ ତିନୋଟି ଆର୍ଥିକ ବର୍ଷରେ କ୍ରମାଗତ ଭାବେ ୨୦୦ ମିଲିୟନ୍ ଟନ୍‌ରୁ ଅଧିକ କୋଇଲା ଉତ୍ପାଦନ ହାସଲ କରିଥିବାରୁ ସେ 'ଟିମ୍ ଏମ୍‌ସିଏଲ୍'ର ନିଷ୍ଠା ଓ ପରିଶ୍ରମକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଶ୍ରୀ କାଓଲେ ସମସ୍ତ ଅଂଶୀଦାର ଏବଂ 'ଏମ୍‌ସିଏଲ୍ ପରିବାର'କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ । ସମାରୋହରେ ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ସଞ୍ଜୟ କୁମାର ଝା, ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ଶ୍ରୀ ସମ୍ବୀତ ସୌରଭ ନାୟକ, ପ୍ରାକ୍ତନ ନିର୍ଦ୍ଦେଶକବୃନ୍ଦ, ବରିଷ୍ଠ ଅଧିକାରୀଗଣ, ଜାଗୃତି ମହିଳା ମଣ୍ଡଳର ଉପସଭାପତି ଓ ସଦସ୍ୟାବୃନ୍ଦ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଏବଂ ଅନ୍ୟାନ୍ୟ ହିତାଧିକାରୀମାନେ ଉପସ୍ଥିତ ଥିଲେ । ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ମନୋମୁଗ୍ଧକର ନୃତ୍ୟ ଏହି ଉତ୍ସବକୁ ଆହୁରି ରଙ୍ଗୀନ୍ କରିଥିଲା । ବୋର୍ଡ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇଁ ଡିଏଭି ପବ୍ଲିକ୍ ସ୍କୁଲ, ବୁର୍ଲାର ଦଶମ ଓ ଦ୍ୱାଦଶ ଶ୍ରେଣୀର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏହାସହ ଶ୍ରେଷ୍ଠ ମାର୍ଚ୍ଚଫାଷ୍ଟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇ ଥିଲା । ସେହିପରି, ଏମ୍‌ସିଏଲ୍‌ର ସମସ୍ତ ଖଣି ଅଂଚଳରେ ମଧ୍ୟ 'ରାଷ୍ଟ୍ର ପ୍ରଥମ' ଭାବନାକୁ ପାଥେୟ କରି ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା, ଯାହା ଦାୟିତ୍ୱବାନ୍ ଖନନ, ଶକ୍ତି ସୁରକ୍ଷା ଏବଂ ସମାବେଶୀ ବିକାଶ ମାଧ୍ୟମରେ ଏକ ଆତ୍ମନିର୍ଭର ଭାରତ ଗଠନ ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରମାଣ କରିଥିଲା ।

# ୮୦ତମ ସ୍ୱାଧୀନତା ଦିବସରେ ରାଉରକେଲା ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଂଟନ




ରାଉରକେଲା : ୮୦ ତମ ପବିତ୍ର ସ୍ୱାଧୀନତା ଦିବସ ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ, ସମାଜସେବୀ ବିପିନ ବିହାରୀ ପଟ୍ଟନାୟକ ଓ ସାମ୍ବାଦିକ ସନ୍ତୋଷ କୁମାର ପ୍ରଧାନଙ୍କ ତତ୍ତ୍ୱବଧାନରେ ରାଉରକେଲା ସରକାରୀ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଂଟନ କରାଯାଇଛି । ପବିତ୍ର ସ୍ୱାଧୀନତା ଦିବସର ମୁଖ୍ୟ ଅତିଥି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ସୁଶ୍ରୀ ଦୀନା ଦସ୍ତଗୀର ଆର୍‌ଜିଏଚ୍‌ରେ ଉପସ୍ଥିତ ରହି ରୋଗୀମାନଙ୍କୁ ଫଳ ବଂଟନ କରିବା ସହ ସମସ୍ତ ରୋଗୀଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ଡାକ୍ତଖାନାର ଅଧୀକ୍ଷକ ଡଃ. ଆନନ୍ଦ ଗୋପାଳ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସୀମା ଫତିମା ଏକ୍କା, ଡାକ୍ତଖାନାର ସହ ଅଧୀକ୍ଷକ ଡା. ପଣ୍ଡିତ ସାହୁ ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କୁ ଫଳ ବଂଟନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ସୁଶ୍ରୀ ଦୀନା ଦସ୍ତଗୀର ଡାକ୍ତରଙ୍କ ସହ ହସ୍ପିଟାଲର ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ରୋଗୀଙ୍କୁ ଫଳ ବଂଟନ ଏକ ମହତ କାର୍ଯ୍ୟ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଡାକ୍ତରଖାନାର ମ୍ୟାନେଜର ପ୍ରାଣତୋଷ ମଣ୍ଡଳ, ସହଯୋଗୀ ଶ୍ରୀବତ୍ସ କୁମାର ରଥ ଓ ଅନ୍ୟାନ୍ୟ କର୍ମଚାରୀ, ସମାଜସେବୀ ଅନିରୁଦ୍ଧ ସ୍ୱାଇଁ ଓ ପି.କେ.ମଣ୍ଡଳ, ସାମ୍ବାଦିକ ବସନ୍ତ କୁମାର ଜେନା, ଯୁବ ସଂଗଠକ ଅବିନାଶ ପୁହାଣ, ହିମାଂଶୁ ପ୍ରଜାପତି, ଅମୀୟ ମହାରାଣା, ଯୁବ ସଂଗଠକ ଅସିତ କୁମାର ମହାନ୍ତି, ଆପେଲା ସ୍ୱାମୀ, ହରଷ ରାଓ ପ୍ରମୁଖ ସହଯୋଗ କରିଥିଲେ ।

## ଜିଲ୍ଲାପାଳ କାର୍ଯ୍ୟାଳୟରେ 'ମାଇଁ ଭାରତ' ଜିଲ୍ଲା ପରାମର୍ଶଦାତା ସମିତିର ବୈଠକ



ବରଗଡ: ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ମେରା ଯୁବା ଭାରତ ବରଗଡ ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟରେ 'ମାଇଁ ଭାରତ' ଜିଲ୍ଲା ପରାମର୍ଶଦାତା ସମିତିର ବୈଠକ ରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀମତୀ ମଧୁଛନ୍ଦା ସାହୁ (ଓ. ପ୍ର , ସେ) (ଏସ) ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକ ରେ , ଜିଲ୍ଲା ର ବିଭିନ୍ନ ବିଭାଗ ଓ ଜିଲ୍ଲାର କ୍ରୀଡ଼ା ଯୁବ ବ୍ୟପାର ମନ୍ତ୍ରଣାଳୟ ର ଜିଲ୍ଲା ଅଧିକାରି ଶ୍ରୀ କମଲ ସା ଭବିଷ୍ୟତରେ ମାଇଁ ଭାରତ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରିବା, ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣ ବଢ଼ାଇବା, ଜିଲ୍ଲାରେ ମେରା ଯୁବା ଭାରତ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟକଳାପର କାର୍ଯ୍ୟକାରିତା ଉପରେ ବିଚାରବିମର୍ଶ କରିବା, ଚାଲୁଥିବା ପଦକ୍ଷେପର ଅଗ୍ରଗତି ସମୀକ୍ଷା କରିବା, ଆନ୍ତଃବିଭାଗୀୟ ସମନ୍ୱୟକୁ ମଜବୁତ କରିବା ଏବଂ ଆଗାମୀ କାର୍ଯ୍ୟକ୍ରମ ପାଇଁ କାର୍ଯ୍ୟ ଯୋଜନା ଉପରେ ଆଲୋଚନା କରିବା ପାଇଁ ଏହି ବୈଠକ ଡକାଯାଇଛି । ଏହି ବୈଠକ ଯୁବଶକ୍ତିଙ୍କୁ ରାଷ୍ଟ୍ର ଗଠନର ମୂଳଧାରାରେ ସାମିଲ କରିବା ଦିଗରେ ଏକ ପ୍ରେରଣାଦାୟକ ପଦକ୍ଷେପ ଭାବେ ପରିଗଣିତ ହେବ ବୋଲି ମତ ଦେଇଥିଲେ ପରିସେଶ ରେ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି ସଭାଶେଷ କରିଥଲେ

Printed, Published & owned by Smt. Suprava Mishra and Printed at Das Offset Printer, Uditnagar, Rourkela - 769012 Dist : Sundargarh, Odisha,
Published at B/112, Nirmal Market, Power House Road, Rourkela - 769001,Dist- Sundargarh, Odisha.Tele/Fax : 661 - 3564899 (O), Mobile : 9437172553, **E-Mail dindayal_mail@yahoo.co.in.**
**ସମ୍ପାଦକ : ଶିବଶରଣ ମିଶ୍ର** **Editor : Siba Sharan Mishra**